ଧରିତ୍ରୀ
DHARITRI
November 27- December 3, 2022 ₹ 2/-

# ଛୁଟିଦିନ



## ଦୃଷ୍ଟି ଆଢୁଆଳରେ

# ଅନନ୍ୟ ପର୍ଯ୍ୟଟନସ୍ଥଳୀ

ପ୍ରଚ୍ଛଦ ପ୍ରସଙ୍ଗ

୩

ଏବେ ଋତୁ ପର୍ଯ୍ୟଟନର। ବୁଲିଯିବା ପାଇଁ ସମସ୍ତେ ସଜବାଜ। ତେବେ ଅନେକେ ଚାହାନ୍ତି ପରିଚିତ ପର୍ଯ୍ୟଟନସ୍ଥଳୀକୁ ନ ଯାଇ ଏମିତି କିଛି ଜାଗା ଯିବାକୁ, ଯାହା ଦେଖିବାକୁ ମନଲୋଭା ହେଉଥିବ, ଆଉ ପରିବାରକୁ ନେଇ ଆରାମରେ ବୁଲାବୁଲି କରିହେଉଥିବ। ସେମିତି କିଛି ପର୍ଯ୍ୟଟନସ୍ଥଳୀ ରହିଛି ଯାହା ଖୁବ୍ ଆକର୍ଷଣୀୟ କିନ୍ତୁ ପ୍ରାୟତଃ ଦୃଷ୍ଟି ଆଢୁଆଳରେ..



# ଘର ପାଇଁ ଶୁଭ ପ୍ରତୀମା

**ବାସ୍ତୁଶାସ୍ତ୍ର ଅନୁଯାୟୀ ଏମିତି କିଛି ପ୍ରତୀମା ରହିଛି, ଯାହାକୁ ଘରେ ରଖିଲେ ଘରର ସାଜସଜ୍ଜା ଆକର୍ଷଣୀୟ ଲାଗିବା ସହ ସମୃଦ୍ଧିର ପଥ ଖୋଲି ଯାଇଥାଏ। ଯେମିତିକି:**

* **ହାତୀ:** ବାସ୍ତୁଶାସ୍ତ୍ର ଅନୁସାରେ, ହାତୀର ପ୍ରତୀମା ଐଶ୍ୱର୍ଯ୍ୟର ପ୍ରତୀକ ହୋଇଥାଏ। ପିତଳ କିମ୍ବା ରୁପାର ହାତୀ ପ୍ରତୀମା ଘରେ ରଖିଲେ ଧନ, ସମୃଦ୍ଧି ବୃଦ୍ଧି ହୁଏ। ଏପରିକି ଶୟନକକ୍ଷରେ ରୁପାର ହାତୀ ପ୍ରତୀମା ରଖିଲେ, ରାହୁ ସମ୍ବନ୍ଧିତ ସବୁ ଦୋଷ ଦୂର ହୋଇଯାଏ ବୋଲି ବିଶ୍ୱାସ ରହିଛି।



* **ହଂସ:** ଘରର ଅତିଥି ଗୃହରେ ଯୋଡି ହଂସଙ୍କର ପ୍ରତୀମା ରଖିଲେ ଆର୍ଥିକ ଅଭିବୃଦ୍ଧି ହୁଏ। ବୈବାହିକ ଜୀବନରେ ଅଶାନ୍ତି ଲାଗି ରହୁଥିଲେ ଶୟନ କକ୍ଷରେ ଯୋଡି ହଂସଙ୍କର ପ୍ରତୀମା ରଖିବା କୁଆଡ଼େ ଶୁଭ ହୋଇଥାଏ।
* **କଇଁଛ:** ଭଗବାନ ବିଷ୍ଣୁଙ୍କର ଏକ ସ୍ୱରୂପ ହେଉଛି କଇଁଛ। ଯେଉଁଠାରେ କଇଁଛ ପ୍ରତୀମା ଥାଏ, ସେଠାରେ ମା' ଲକ୍ଷ୍ମୀ ବାସ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଡ୍ରଇଂ ରୁମ୍‌ର ପୂର୍ବ କିମ୍ବା ଉତ୍ତର ପାର୍ଶ୍ୱରେ କଇଁଛର ପ୍ରତୀମା ରଖିଲେ ଘରେ ଧନ ବୃଦ୍ଧି ହୁଏ। ତେବେ ଧ୍ୟାନ ଦେବେ, କଇଁଛର ମୁହଁ ଯେମିତି ଘରର ଭିତର ଆଡକୁ ରହୁଥିବ।
* **ଗାଈ:** ଯେଉଁ ଦମ୍ପତିଙ୍କର ସନ୍ତାନ ପ୍ରାପ୍ତିକୁ ନେଇ ଚିନ୍ତା ଥାଏ, ସେମାନେ ଘରେ ପିତଳର ଗାଈ ଓ ବାଛୁରୀ ଥିବା ପ୍ରତୀମା ରଖିଲେ ଆଶା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ବିଦ୍ୟାର୍ଥୀଙ୍କ ପାଇଁ ବି ଘରେ ଗାଈ ପ୍ରତୀମା ରଖିବା ଶୁଭ ହୋଇଥାଏ।
* **ଓଟ:** ଡ୍ରଇଂ ରୁମ୍ ଅବା ଲିଭିଙ୍ଗ୍ ରୁମ୍‌ର ଉତ୍ତର-ପଶ୍ଚିମ ପାର୍ଶ୍ୱରେ ଓଟର ପ୍ରତୀମା ରଖିଲେ, ବ୍ୟବସାୟ, ଚାକିରୀ କ୍ଷେତ୍ରରେ ଉନ୍ନତି ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୨୭-ଡିସେମ୍ବର ୩

**ମେଷ:** ଆରୋଗ୍ୟ ଲାଭ, ସୁସ୍ଥ ମାନସିକତା, ସାମାଜିକ ପ୍ରତିଷ୍ଠା, ସମସ୍ୟା ସମାଧାନ, ସହକର୍ମୀଙ୍କ ଅସହଯୋଗ, ବ୍ୟବସାୟରେ ପ୍ରତିବନ୍ଧକ ପର୍ଯ୍ୟଟନରେ ଉନ୍ନତି, ସାଂସ୍କୃତିକ କାର୍ଯ୍ୟକ୍ରମରେ ମନ, ଲେଖାପଢାରେ କୁଶଳ ॥

**ବୃଷ:** ନୂତନବନ୍ଧୁ ସମ୍ପର୍କ, କାର୍ଯ୍ୟଦକ୍ଷତା ବୃଦ୍ଧି, ସାଂସ୍କୃତିକ କାର୍ଯ୍ୟ ଆରମ୍ଭ, ବୁଦ୍ଧିଜୀବୀଙ୍କ ସଦିଚ୍ଛା, ସନ୍ତାନଙ୍କ କୃତିତ୍ୱ, ରଚନାତ୍ମକ କାର୍ଯ୍ୟାରମ୍ଭ, ବହୁମୁଖୀ କାର୍ଯ୍ୟରୁ ପ୍ରଶଂସା, ପାରିବାରିକ ଶାନ୍ତି, ସାମାଜିକ ପ୍ରତିଷ୍ଠା ,ଦ୍ୱନ୍ଦ୍ୱର ଅବସାନ ॥

**ମିଥୁନ:** ଶାରୀରିକ ସୁସ୍ଥତା, କଳାପ୍ରିୟ ହେବେ, ଦୂରଯାତ୍ରାର ଯୋଜନା, ଅର୍ଥସଂକଟରୁ ମନସ୍ତାପ, ଆନୁସଙ୍ଗିକ ସହଯୋଗ, ନିର୍ମାଧୀନ କାର୍ଯ୍ୟରେ ଦ୍ୱନ୍ଦ୍ୱ, ଭୂଲନିଷ୍ପତ୍ତିରୁ ବିବାଦ, ଉପରିସ୍ଥଙ୍କ ହସ୍ତକ୍ଷେପ, ପ୍ରତିବନ୍ଧକ ଦୂର ହେବ ॥

**କର୍କଟ:** ଶାନ୍ତ ବାତାବରଣ, ନୂତନ କର୍ମାରମ୍ଭ, ଧର୍ମ ସଂକଟରେ ପଡିବେ, ଆର୍ଥିକ ଅନଟନ, ସଭାସମିତିକୁ ନିମନ୍ତ୍ରଣ, ସ୍ୱଜନଙ୍କ ସମାଲୋଚନା, ସହକର୍ମୀଙ୍କ ସହଯୋଗ, କଚେରୀ ମାମଲା, ବିବାଦରେ ବିଜୟ, ଆନୁଷ୍ଠାନିକ କ୍ଷେତ୍ରରେ ସୁନାମ ॥

**ସିଂହ:** ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ପ୍ରତିଯୋଗୀତାରେ ସଫଳତା, ଯାନବାହନ କ୍ରୟ, ନୂତନ କର୍ମସଂସ୍ଥାନ, ବିଦେଶଯାତ୍ରାର ସୁଯୋଗ, ଅନୁକୂଳ ପରିବେଶ, ମାଙ୍ଗଳିକ ଉତ୍ସବର ପ୍ରସ୍ତୁତି, ଭ୍ରମଣଜନିତ କଷ୍ଟ, ନୂତନ ପ୍ରକଳ୍ପାରମ୍ଭ, ଆଇନ ସହାୟତା ପାଇବେ।

**କନ୍ୟା:** ସଂଘର୍ଷମୟ ସ୍ଥିତି, ଲକ୍ଷ୍ୟଭ୍ରଷ୍ଟ ହେବେ, ଖର୍ଚ୍ଚ ପରିମାଣ ବୃଦ୍ଧି, ସମ୍ପର୍କୀୟଙ୍କ ସମାଲୋଚନା, ସାହିତ୍ୟକୃତିରୁ ପ୍ରଶଂସା, କ୍ରୀଡାରେ ସଫଳତା, ପ୍ରଶାସନିକ ଆଲୋଚନା, ନୂଆ ସମ୍ପର୍କ ଯୋଡିବେ, ପ୍ରବନ୍ଧ ରଚନାରେ ପ୍ରେରଣା ॥

**ତୁଳା:** ଆତ୍ମସମ୍ମାନରେ ବାଧା, ଲକ୍ଷ୍ୟପୂରଣରେ ଅସମର୍ଥ, ପ୍ରତୀକ୍ଷାଜନିତ କଷ୍ଟ, କ୍ରନିକରୋଗରେ ପୀଡା, ପିଲାଙ୍କ ସ୍ୱାସ୍ଥ୍ୟହାନି, ପବ୍ଲିକେଶନରେ ସମସ୍ୟା, ଗବେଷଣାରେ ଅଗ୍ରଗତି, ଜନସମ୍ପର୍କ ବୃଦ୍ଧି, ରାଜନୈତିକ ପୃଷ୍ଠପୋଷକତା ॥

**ବିଛା:** ବନ୍ଧୁସମ୍ପର୍କ ହ୍ରାସ, ମାନସିକ ଗ୍ଲାନି, ଗୋଳମାଳିଆ ପରିସ୍ଥିତି, ଅଧସ୍ଥନଙ୍କ ବେଖାତିର, ଜୀବନଯାତ୍ରାରେ ବିଶୃଙ୍ଖଳା, ପଡୋଶୀଙ୍କ ଅନାଦର, ଦୈନ୍ୟତାର ପରିପ୍ରକାଶ, ଗୃହସୀମା ବିବାଦ, ଭାବପ୍ରବଣତା ବୃଦ୍ଧି ॥

**ଧନୁ:** ନିରଳସ କର୍ମନୈପୁଣ୍ୟତା, ବନ୍ଧୁଙ୍କୁ ଆପଣେଇନେବେ, ସହକର୍ମୀଙ୍କ ଉପହାସ, ନୂତନ କାମର ପରିକଳ୍ପନା, ସାହାଯ୍ୟର ଅଭାବ, ଜନମଙ୍ଗଳ କାର୍ଯ୍ୟ, କରଜ ପରିଶୋଧ ଚିନ୍ତା, ପରିବାରରେ ବିତର୍କ, ସଙ୍ଗୀତରେ ରୁଚି, ଭ୍ରାତୃ ସମ୍ପର୍କରେ ଉନ୍ନତି ॥

**ମକର:** କର୍ମପ୍ରବାହର ଅବରୋଧ, ପ୍ରତିରୋଧର ସାମନା, ନୂତନ ଯୋଜନାରମ୍ଭ, ସାମାଜିକ ସ୍ୱୀକୃତି, ସଭାସମିତିକୁ ନିମନ୍ତ୍ରଣ, ଶିକ୍ଷାରେ ଏକାଗ୍ରତା, ସନ୍ତାନଙ୍କ କୃତିତ୍ୱ, ପ୍ରତିଦାନ ପାଇବେନି, ଟେନ୍‌ସନ୍ ବୃଦ୍ଧି ପାଇବ ॥

**କୁମ୍ଭ:** ପ୍ରଗତିର ପଥରୋଧ, ଆର୍ଥିକ ଦୁରବସ୍ଥା, ବିଚଳିତ ମନ, ବନ୍ଧୁଙ୍କ ସନ୍ଦେହ, ସହକର୍ମୀ ପ୍ରଭାବିତ ହେବେ, ଭୁଲ ବୁଝାମଣାରୁ ବିବାଦ, ଜଟିଳ ସମସ୍ୟା, ଭଲକାମ କରି ନିନ୍ଦା, ପରିବହନରୁ ଲାଭ, କୃତିରୁ କୃତିତ୍ୱ, ଶତ୍ରୁତାରୁ ସମସ୍ୟା ॥

**ମୀନ:** ସ୍ୱାସ୍ଥ୍ୟସମସ୍ୟାର ଲାଘବ, ଅପ୍ରିୟସତ୍ୟରୁ କଳହ, ପ୍ରକାଶନରେ ବିବାଦ, ଗଠନମୂଳକ କାର୍ଯ୍ୟରୁ ପ୍ରଶଂସା, ପରିସ୍ଥିତି ବଦଳିବ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, ଭାଉଭଉଣୀଙ୍କ ଅଳି, ସ୍ୱର୍ଣ୍ଣାଳଙ୍କାର କ୍ରୟ, ସ୍ତ୍ରୀଙ୍କ ପ୍ରେରଣା ॥

# ଖାଲିପେଟରେ କ'ଣ ଖାଇବେନି

ସକାଳ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଜରୁରୀ। ସକାଳେ ଆମେ ଯାହା ବି ଖାଉ, ଶରୀର ଉପରେ ତା'ର ସବୁଠୁ ଅଧିକ ପ୍ରଭାବ ପଡିଥାଏ। ତେଣୁ ସକାଳ ଖାଦ୍ୟ ଯେତେ ସନ୍ତୁଳିତ, ପୋଷଣଯୁକ୍ତ ହେବ ସେତେ ଭଲ। କିନ୍ତୁ କେତେକେ ସକାଳେ କଫି/ଚା' ପିଇବାକୁ ଭଲ ପାଆନ୍ତି। ହେଲେ ସକାଳୁ ଖାଲି ପେଟରେ ଏହାକୁ ପିଇବା ସ୍ୱାସ୍ଥ୍ୟପ୍ରଦ ନୁହେଁ। ଯଦି କଫି/ଚା' ପିଇବା ନିହାତି ଆବଶ୍ୟକ, ତା'ହେଲେ ପ୍ରଥମେ ପାଣି ପିଅନ୍ତୁ। ତା'ପରେ ଏହା ସହିତ ରୁଟି, ପରଟା କିମ୍ବା ବିସ୍କୁଟ୍ ଖାଇବାର



ଅଭ୍ୟାସ କଲେ ଭଲ ହେବ। ସେହିପରି କେତେକେ ଫିଟ୍‌ନେସ୍ କିମ୍ବା ୱେଟ୍ ଲସ୍ ପାଇଁ ସକାଳେ ସାଲାଡ୍ ଖାଇଥାନ୍ତି। ଏହା ବି ଶରୀର ପାଇଁ ଆଦୌ ଠିକ୍ ନୁହେଁ। କାରଣ ସାଲାଡ୍ ଖାଇବାର ସବୁଠୁ ଭଲ ସମୟ ହେଉଛି ଲଞ୍ଚ ଟାଇମ୍। ଅନ୍ୟପକ୍ଷେ ଏକ ଗବେଷଣାରୁ ଜଣାପଡିଛି, ଗୋଟିଏ ମିଡିୟମ୍ ସାଇଜ୍‌ର ସେଓକୁ ଡାଇଜେଷ୍ଟ କରିବା ପାଇଁ ୧/୨ ଘଣ୍ଟା ସମୟ ଲାଗିଥାଏ। ତେଣୁ ସକାଳେ ଖାଲିପେଟରେ ସେଓ ଖାଇବା ଦ୍ୱାରା ହଜମକ୍ରିୟାକୁ ନେଇ ସମସ୍ୟା ଦେଖାଯିବାର ଆଶଙ୍କା ରହିଥାଏ। ଆଉ କେତେକେ ସକାଳେ ଲସି ପିଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଖାଲିପେଟରେ ଲସି ପିଇଲେ ବି ଶରୀରକୁ କ୍ଷତି ପହଞ୍ଚିଥାଏ। ସେହିପରି ଏମିତି ଅନେକେ ଅଛନ୍ତି, ଯେଉଁମାନେ କି ସକାଳେ ଛଣାଛଣି, ଫାଷ୍ଟଫୁଡ୍ ଖାଇବାକୁ ଭଲ ପାଆନ୍ତି ; କିନ୍ତୁ ଏହାର କୁପ୍ରଭାବ ସେମାନଙ୍କର ହଜମଶକ୍ତି ଉପରେ ପଡିବା ସହ ଶରୀରର ଓଜନ ବଢାଇଥାଏ।

## ପାଠକୀୟ

* ପକେଟ୍ ମନିରେ ନିଜ ଇଚ୍ଛା ମୁତାବକ ଜିନିଷ କିଣିବା ଓ ସୁସ୍ୱାଦୁ ଖାଦ୍ୟ ଖାଇବାକୁ କେଉଁ ପିଲାର ଇଚ୍ଛା ନଥାଏ ! କିନ୍ତୁ ଏମିତି କିଛି ପିଲା ଅଛନ୍ତି, ଯେଉଁମାନେ ନିଜ ପକେଟ୍ ମନିକୁ ବ୍ୟବହାର କରିଛନ୍ତି ଦୁଃଖୀ ଦରିଦ୍ରଙ୍କୁ ସାହାଯ୍ୟ କରିବା ସହ ପରିବେଶକୁ ନେଇ ସଚେତନତା ସୃଷ୍ଟି କରିବାରେ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଛୋଟ ସିନା କାମ ବଡ଼' ଏକ ନିଆରା ଆଲେଖ୍ୟ ଥିଲା। 'ଶୋଇବା ଶୈଳୀର ପ୍ରଭାବ', 'ଶୀତ ମହୌଷଧି ମହୁ' ଆଦି ପାଠରୁ ଅନେକ ଅଜଣା କଥା ଜାଣିହେଲା।
  *– ତାପସ ବେହେରା, ଖଣ୍ଡପଡ଼ା, ନୟାଗଡ଼*
* ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଛୋଟ ସିନା କାମ ବଡ଼' ଆଲେଖ୍ୟଟି ଏକ ପ୍ରେରଣାଦାୟୀ ବିଷୟ ଥିଲା। ଏଥିରୁ କେତେଜଣ ଛୋଟ ଛୋଟ ପିଲାଙ୍କର ମହାନ୍ କାର୍ଯ୍ୟଗୁଡ଼ିକ ସମ୍ପର୍କରେ ଜାଣିହେଲା। 'ଅଜବ ଆଇବ୍ରୋ ମେକ୍‌ଅପ୍' ଏକ ନିଆରା ଆଲେଖ୍ୟ ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ତିନି ନାୟିକାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଅନୁଷ୍ଠାନ 'ନାୟିକା' ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାଟି ମଧ ବେଶ୍ ଆକର୍ଷଣୀୟ ଲାଗୁଥିଲା।
  *–ସୁବ୍ରତ ପଟ୍ଟନାୟକ, ନାଉଗାଁ, ଜଗତସିଂହପୁର*
* ସିନେମା ପୃଷ୍ଠାଟି ଟିକେ ଭିନ୍ନ ଲାଗୁଥିଲା। ମୁଖ୍ୟତଃ ଏଥିରେ ସ୍ଥାନିତ 'ଜାହ୍ନବୀ ଯାହା ଖୋଜୁଥିଲେ', 'ଯୋଜନା କରୁଛନ୍ତି ପରିଣିତି', 'ଶଙ୍କର' ଆଦି ଲେଖାଗୁଡ଼ିକର ଉପସ୍ଥାପନା ଶୈଳୀ ଯେତିକି ମନୋରମ ଲାଗୁଥିଲା ସେତିକି ତଥ୍ୟପୂର୍ଣ୍ଣ ବି ଥିଲା। ସାହିତ୍ୟିକ ଶିବ ସୁନ୍ଦର ପାଣିଗ୍ରାହୀଙ୍କର ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍ ଭରା ଥିଲା। *– ଶଙ୍କର ପୃଷ୍ଟି, ଜଟଣୀ, ଖୋର୍ଦ୍ଧା*
* ଏଥରର ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ସେଲର୍ ପ୍ୟାଣ୍ଟ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ମଡେଲ୍ ମିରର୍‌ରେ ପ୍ରିୟା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ମଜାଦାର୍ ଲାଗୁଥିଲା। ଐତିହାସିକ ସହର ଓର୍ଚ୍ଛା ସମ୍ପର୍କରେ ଅନେକ ଅଜଣା କଥା ସହର ପୃଷ୍ଠାରୁ ଜାଣି ଖୁସି ଲାଗିଲା। ରୁଟିକୁ ନେଇ ବିବିଧା ପୃଷ୍ଠାରେ ପ୍ରକାଶିତ ହୋଇଥିବା ସ୍ୱତନ୍ତ୍ର ଉପସ୍ଥାପନାଟି ବି ବହୁତ ବଢ଼ିଆ ଥିଲା।
  *– ଅନିନ୍ଦିତା ମହାପାତ୍ର, ରେଲୱେ କଲୋନୀ, ପୁରୀ*
* ଉକ୍ତ ସଂଖ୍ୟାର ବ୍ୟଙ୍ଗ 'ଦୃଷ୍ଟିକୋଣ' ଏକ ନିଆରା ବିଷୟ ଉପରେ ପର୍ଯ୍ୟବେସିତ ଥିଲା। ଏଥିରୁ ଅନେକ କିଛି ଗୁରୁତ୍ୱପୂର୍ଣ୍ଣ କଥା ଶିଖିବାର ସୁଯୋଗ ମିଳିବାରୁ ଖୁସି ଲାଗିଲା। ବ୍ୟାକ୍‌ପେଜ୍ ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। *–ସୋନାଳି ସାହୁ, ସମ୍ବଲପୁର*

## ବିଶେଷ ଚିଠି

ଛୁଟିଦିନର ପ୍ରଚ୍ଛଦ ଲାଗେ
ସବୁବେଳେ ନିଆରା,
ଦେଉଥାଏ ସିଏ କେତେ
ନୂଆ ନୂଆ ଇସାରା।
ଅଜବ ଆଇବ୍ରୋ ମେକ୍‌ଅପ୍
ଲାଗୁଥିଲା ବଢ଼ିଆ,
ସୃଜନର କବିତା ବି
କରୁଥିଲା କିମିଆ।
ପ୍ରତ୍ୟେକଟି ପୃଷ୍ଠା ତୁମ
ଲାଗେ ଭାରି ଖାସ୍,
ସେଥିପାଇଁ ଛୁଟିଦିନ
ସବୁବେଳେ ତୁମେ ଲାଗ ଫର୍ଷ୍ଟକ୍ଲାସ୍।
*–ଈଶ୍ୱରୀ ମିଶ୍ର, ଓଲ୍ଡ ଟାଉନ୍, ଭୁବନେଶ୍ୱର*



ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com







# ଦୃଷ୍ଟି ଆଢୁଆଳରେ ଅନନ୍ୟ ପର୍ଯ୍ୟଟନସ୍ଥଳୀ

ଏବେ ଋତୁ ପର୍ଯ୍ୟଟନର। ବୁଲିଯିବା ପାଇଁ ସମସ୍ତେ ସଜବାଜ। ଏପଟେ କରୋନା କଟକଣା ବି ନାହିଁ। ତେଣୁ ବିନା ପ୍ରତିବନ୍ଧକରେ ବୁଲିବା ସହ ଭରପୂର ମଜା ନେବାର ସମୟ ଇଏ। ଯାହାକୁ ଦୃଷ୍ଟିରେ ରଖି ଅନେକେ ଚାହାନ୍ତି ସେଇ ପରିଚିତ ପର୍ଯ୍ୟଟନସ୍ଥଳୀକୁ ନ ଯାଇ ଏମିତି କିଛି ଜାଗା ଯିବାକୁ, ଯାହା ଦେଖିବାକୁ ମନଲୋଭା ହେଉଥିବ, ଆଉ ପରିବାରକୁ ନେଇ ଆରାମରେ ବୁଲାବୁଲି କରିହେଉଥିବ। ସେମିତି କିଛି ପର୍ଯ୍ୟଟନସ୍ଥଳୀ ରହିଛି ଯାହା ଖୁବ୍ ଆକର୍ଷଣୀୟ କିନ୍ତୁ ପ୍ରାୟତଃ ଦୃଷ୍ଟି ଆଢୁଆଳରେ।

**କେନ୍ଦୁଝରର ଆକର୍ଷଣ ପ୍ରକୃତିଦତ୍ତ ଜଳପ୍ରପାତ–** ବଣପାହାଡ଼ଘେରା କେନ୍ଦୁଝର ଜିଲାର ପ୍ରତିଟି ସ୍ଥାନ ରମଣୀୟ। ବିଶେଷକରି ଏଠାରେ ଥିବା ଜଳପ୍ରପାତ। ଏବେବି ଏଠାରେ ଏମିତି କିଛି ଜଳପ୍ରପାତ ରହିଛି ଯାହା ଖୁବ୍ ମନୋରମ। କିନ୍ତୁ ପ୍ରଶାସନର ଦୃଷ୍ଟି ଆଢୁଆଳରେ। ଏହା ମଧ୍ୟରେ ଆସେ ତେଲକୋଇ ବ୍ଲକର ପୁଟୁଘରଘାଗୀ ଓ ଟେଣ୍ଟେଇନାଳି, ଯୋଡ଼ା ବ୍ଲକର ପିଶାଚୁଣୀ, ଝୁମ୍ପୁରା ବ୍ଲକର କାଇଯୋଡ଼ା ଓ ଅସୁରଖୋଲ ବାଂଶପାଳ ବ୍ଲକ ବାରାଗଡ଼ ପଞ୍ଚାୟତର କାଇଁଝରୀ, କେନ୍ଦୁଝର ସଦର ବ୍ଲକ କୋଡ଼ିପଶା ଗ୍ରାମ ନିକଟ ଗିରିଡ଼ିବନ୍ଧ ଜଳପ୍ରପାତ, ସଦର ବ୍ଲକର ମହାଦେଇଯୋଡା ପଞ୍ଚାୟତରେ ଥିବା ଘାଗରା ସମେତ ଝୁମ୍ପୁରା ବ୍ଲକର କାଇଯୋଡ଼ା ଗ୍ରାମ ନିକଟରେ ରହିଛି ଏକାଧିକ ମନୋରମ ଜଳପ୍ରପାତ। ଖଣ୍ଡାଧାର ପର୍ବତମାଳାକୁ ଲାଗିରହିଥିବା ଏହି ଉଚ୍ଚ ପାହାଡ଼ରୁ ପାଣି ତଳକୁ ଖସି ପଡୁଥିବା ମନୋରମ ଦୃଶ୍ୟ ଦୂରରୁ ଅନେକଙ୍କୁ ବିମୋହିତ କରିଥାଏ । ଏହା ନିକଟରେ ଅନ୍ୟ ଦୁଇଟି ଝରଣାରୁ ଜଳ ପ୍ରବାହିତ ହୋଇ ଦୁଇଟି ଛୋଟ ଜଳପ୍ରପାତ ରହିଛି । ପର୍ଯ୍ୟଟନର ମାନ୍ୟତା ମିଳି ନ ଥିଲେ ହେଁ ସ୍ଥାନୀୟ ବ୍ଲକ ପ୍ରଶାସନ ତଥା ପଞ୍ଚାୟତ ପକ୍ଷରୁ ଏହାର ବିକାଶ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ରାସ୍ତା ନ ଥିବାରୁ ଚାଲି ଚାଲି ଯିବାକୁ ପଡୁଛି। ଏଣୁ ରାସ୍ତା ନିର୍ମାଣ ହେଲେ ଏହି ଜଳପ୍ରପାତ ଅଧିକ ବିକଶିତ ହୋଇପାରିବ ଏବଂ ଅଧିକ ପର୍ଯ୍ୟଟକ ଆସିପାରିବେ । ସେହିପରି ତେଲକୋଇ ବ୍ଲକରେ ରହିଛି ଟେଣ୍ଟେଇନାଳି ଜଳପ୍ରପାତ। ଏହି ଜଳପ୍ରପାତ ମଧ୍ୟ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇ ନ ଥିଲେ ବି ପିକ୍‌ନିକ୍ ଋତୁରେ ଏଠାରେ ଭିଡ଼ ଜମେ। ପାହାଡ଼ ଓ ଜଙ୍ଗଲ ପରିବେଷ୍ଟିତ ଏହି ସ୍ଥାନର ବିକାଶ ହେଲେ ବିଶେଷ କରି କେନ୍ଦୁଝର ସମେତ ପଡ଼ୋଶୀ ଢେଙ୍କାନାଳ ଜିଲାରୁ ଅଧିକ ପର୍ଯ୍ୟଟକ ଆସିବେ । ଏଠାରେ ମଧ୍ୟ ପାହାଡ଼ୀ ଝରଣା ପ୍ରାୟ ୭୦-୮୦ ଫୁଟ୍ ତଳକୁ ଲମ୍ଫ ପ୍ରଦାନ କରି ତଳେ କଚାଡ଼ି ପଡୁଥିବା ଦୃଶ୍ୟ ବେଶ୍ ମନୋରମ । ଏହି ସ୍ଥାନକୁ ଯିବା ପାଇଁ ରାସ୍ତା ଥିଲେ ମଧ ସେତେଟା ଭଲ ନାହିଁ। ସେହିପରି ଏହି ବ୍ଲକରେ ରହିଛି ଅନାଲୋଚିତ ପୁଟୁଘରଘାଗୀ ଜଳପ୍ରପାତ । ଏଠାରେ ମଧ୍ୟ ପାହାଡ଼କୁ କାଟି ବହୁ ଉପରୁ ଝରଣାର ଜଳଧାର ଆସି ତଳେ ପଡ଼ିଥାଏ। ଜଳରାଶି ତଳକୁ ପ୍ରବାହିତ ହୋଇ ଆଦିବାସୀଙ୍କ ଚାଷଜମି, ବାଡ଼ିବଗିଚାକୁ ଜଳସେଚିତ କରିଥାଏ। ଏଠାକୁ ଯଦିଓ ଗମନାଗମନ ସୁବିଧା ନାହିଁ ତେବେ ଆଡଭେଞ୍ଚର ଟ୍ରାକିଂ ପାଇଁ ବି ଆସିଥାନ୍ତି। ସେହିପରି ବାଂଶପାଳ ବ୍ଲକ ଅନ୍ତର୍ଗତ ତଳବାଲି ନିକଟରେ ବିଲାରୀଗୋଠ ପାହାଡ଼ରେ ରହିଛି ମନୋରମ କାଇଁଝରୀ ଜଳପ୍ରପାତ । ଯାହା ଘାଗରା ନାମରେ ବି ପରିଚିତ । ପାହାଡ଼ ଓ ଜଙ୍ଗଲ ପରିବେଷ୍ଟିତ ଏହି ଶାନ୍ତ ପରିବେଶକୁ ଅନେକେ ଆସିବା ପାଇଁ ପସନ୍ଦ କରିଥା'ନ୍ତି। ଏହି ନିକଟରେ ଥିବା ଝରଣାର ପାଣି ପ୍ରାୟ ୪୦ ଫୁଟ୍ ଉପରୁ ଖସୁଥିବାର ମନୋରମ ଦୃଶ୍ୟ ଅନେକଙ୍କୁ ଆକର୍ଷିତ କରିଥାଏ । ଏହି ଝରଣା ତଳକୁ ତଳ ପ୍ରାୟ ଏଭଳି ଆଉ ୫ଟି ମନୋରମ ଜଳପ୍ରପାତ ସୃଷ୍ଟି କରିଛି। ସେହିପରି ଏଠାରୁ କିଛି ଦୂର ଉପରବାଲି ଗ୍ରାମ ନିକଟରେ ରହିଛି ଆଉ ଏକ ଅନାଲୋଚିତ ଜଳପ୍ରପାତ। ଯୋଡ଼ା ବ୍ଲକ ଅନ୍ତର୍ଗତ ବଲାଣୀ ଖଣି ଅଞ୍ଚଳରେ ରହିଛି ଝିକରା ଜଳପ୍ରପାତ । ଏହା ପ୍ରାୟ ଏକ ହଜାର ଫୁଟ ତଳକୁ ଖସି ତଳେ ଜଳ ବିଭକ୍ତ ହୋଇ ୫ଟି ଆକର୍ଷଣୀୟ ଜଳପ୍ରପାତ ସୃଷ୍ଟି କରି ଏକ ସୁନ୍ଦର ପରିବେଶ ତିଆରି କରିଛି । ଖଣିଖାଦାନ ଅଞ୍ଚଳ ହୋଇଥିବାରୁ ଭଲ ରାସ୍ତା ନ ଥିଲେ ହେଁ ଏହି ଅଞ୍ଚଳର ଲୋକମାନେ ଶାନ୍ତ ପରିବେଶରେ କିଛି ସମୟ ଛୁଟି କଟାଇବା ସହ ପିକ୍‌ନିକ୍ କରିବାକୁ ଯାଇଥା'ନ୍ତି।

**ମନୋରମ ଡଙ୍ଗାଧର, ଧଳଧଳି ଓ ବାଙ୍କବୋଳ ବନ୍ଧ:**
ମୟୂରଭଞ୍ଜ ଜିଲା ହେଉଛି ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର । ଏହି ମାଟି କେତେବେଳେ ଦେବକୁଣ୍ଡ ଜଳପ୍ରପାତ, ଶିମିଳିପାଳ ଅଭୟାରଣ୍ୟ ତ ଆଉ କେତେବେଳେ ମା' କୀଚକେଶ୍ୱରୀ ଓ ମା' ଅମ୍ବିକା କ୍ଷେତ୍ର ପାଇଁ ଲୋକ ଗହଣରେ ବେଶ୍ ପରିଚିତ। କିନ୍ତୁ ଏଠାରେ ଏମିତି କିଛି ସ୍ଥାନ ରହିଛି ଯାହା ପର୍ଯ୍ୟଟନସ୍ଥଳୀର ମାନ୍ୟତା ନ ପାଇଥିଲେ ବି ତା'ର ନୈସର୍ଗିକ ସୌନ୍ଦର୍ଯ୍ୟରେ ପ୍ରତିବର୍ଷ ଟାଣି ହୋଇଆସନ୍ତି ଅସଂଖ୍ୟ ପର୍ଯ୍ୟଟକ। ଏହିପରି କିଛି ଅଞ୍ଚଳ ଶିମିଳିପାଳ

→













ପାଦଦେଶରେ ଥିବା ବିଶୋଇ ଅଞ୍ଚଳରେ ଦେଖିବାକୁ ମିଳେ। ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ରାଜ୍ୟଗୁଡିକୁ ସଡ଼କ ପଥ ଯୋଗେ ଯୋଗାଯୋଗ ନିମନ୍ତେ ଏହି ଅଞ୍ଚଳ ମୁଖ୍ୟ ଥିବାରୁ ଏଠାରେ ଲୋକଙ୍କ ଭିଡ଼ ଜମିଥାଏ। ଏଠାରେ ରହିଛି ଡଙ୍ଗାଧର, ଗେଣ୍ଡାଲୁ –ଧଳଧଳି ଓ ବାଙ୍କବୋଲ ବନ୍ଧ ଆଦି ସୁନ୍ଦର ପର୍ଯ୍ୟଟନସ୍ଥଳୀ। ନଙ୍ଗଳବେଣ୍ଟା ପୋଖରିଆ ପଞ୍ଚାୟତରେ ଥିବା ଡଙ୍ଗାଧର ଜଳାଶୟଟି ଏହି ଅଞ୍ଚଳର ଅନ୍ୟତମ ପିକ୍‌ନିକ୍ ସ୍ପଟ୍ ଭାବରେ ପରିଚିତ । ବିଶୋଇ ବ୍ଲକ୍ ମୁଖ୍ୟ ଦପ୍ତର ୪୯ ନମ୍ବର ଜାତୀୟ ରାଜପଥଠାରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କରେ ଦୀର୍ଘ ୬ କିମି ଯିବା ପରେ ପନଖି ଗ୍ରାମକୁ ପହଞ୍ଚିବାକୁ ହୁଏ। ସେହି ଗ୍ରାମରୁ ବିଲ ଓ ଜଙ୍ଗଲ ରାସ୍ତା ଦେଇ ଚାଲିଚାଲି ନଚେତ ଦୁଇଚକିଆ ଯାନ ନେଇ ଗଲେ ଡଙ୍ଗାଧର ଜଳାଶୟ ଦେଖିବାକୁ ମିଳେ। ଶାଳ, ପିଆଶାଳ ଆଦି ବିଭିନ୍ନ ବୃକ୍ଷ ଏହାକୁ ଘେରି ରହିଥିବା ବେଳେ ଏହାର କାଚକେନ୍ଦୁ ପରି ପାଣି ମନମୋହି ନିଏ। ପିକ୍‌ନିକ୍ ଋତୁ ଆସିଲେ ଏହି ଅଞ୍ଚଳରେ ବହୁ ଲୋକଙ୍କ ଭିଡ଼ ଜମୁଥିବା ବେଳେ ଏଠାରେ ପ୍ରଶାସନ ପକ୍ଷରୁ ପାନୀୟଜଳ ସହ ପନଖି ଗ୍ରାମରୁ ଡଙ୍ଗାଧର ପର୍ଯ୍ୟନ୍ତ ଉତ୍ତମ ରାସ୍ତା କରିବା ପାଇଁ ଦାବି ହୋଇଆସୁଛି । ସେହିପରି ଏହି ପଞ୍ଚାୟତର ଅନନ୍ୟ ପର୍ଯ୍ୟଟନସ୍ଥଳୀ ହେଉଛି 'ଗେଣ୍ଡାଲୁ ଓ ଧଳଧଳି' । ଏହା ନିକଟକୁ ପହଞ୍ଚିବା ପାଇଁ ମଧ ପ୍ରଥମେ ପନଖି ଗ୍ରାମ ନିକଟରେ ପହଞ୍ଚିବାକୁ ପଡ଼ିବ। ପନଖି ଗ୍ରାମରୁ ଏକତାଳି ଓ ଘାସିଆସାହି ଜଙ୍ଗଲ ରାସ୍ତା ଦେଇ ୨ କିମି ଅତିକ୍ରମ କରିବାକୁ ପଡ଼ିଥାଏ। ତେବେ ଡଙ୍ଗାଧରରୁ ଏହାର ଦୂରତା ୫ କିମି। ଧଳଧଳିଠାରେ ପହଞ୍ଚିବା ପରେ ଜଣେ ପ୍ରାକୃତିକ ସୌନ୍ଦର୍ଯ୍ୟର ପ୍ରେମରେ ପଡିଯିବ । ଏଥିରେ ପଥରଘେରା ଏକ ବିଶାଳ ଜଳାଶୟ ରହିଥିବା ବେଳେ ରଙ୍ଗବେରଙ୍ଗ ମାଛ ଖେଳୁଥିବା ଦେଖିବାକୁ ମିଳେ। ସେଠାକୁ ଚାଲିଚାଲି ଯାଉଥିବାବେଳେ ବରୁଆ, ବାର୍‌ହା, ପାଣିଓଧ, ହରିଣ, ପେଚା ଆଦି ବିଭିନ୍ନ ଜଙ୍ଗଲୀ ଜୀବଙ୍କର ଚିତ୍କାର ଶୁଭେଷ୍। ଏହି ଜଳାଶୟକୁ ଲାଗି ଏକ ପଥରଖଦା ଦେଖିବାକୁ ମିଳେ ଏହାକୁ 'ଅସୁରହାଡ଼' କୁହାଯାଏ। ଧଳଧଳି ଅସୁରହାଡ଼ ପରେ ରହିଛି ଅନ୍ୟ ଏକ ନୂଆ ପର୍ଯ୍ୟଟନସ୍ଥଳୀ 'ଗେଣ୍ଡାଲୁ' । ଏଠାରେ ମାନବ ଆକୃତିର ଏକ ପଥର ଓ ଗେଣ୍ଡା ଆକୃତିର ଅନେକ ପଥର ଦେଖିବାକୁ ମିଳେ। ଏହି ଅଞ୍ଚଳକୁ ମଧ ଅନେକ ସମୟରେ ଲୋକଙ୍କ ଭିଡ଼ ଜମୁଥିବା ବେଳେ ଏହକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଇ ଉତ୍ତମ ରାସ୍ତା ଓ ପାନୀୟ ଜଳ ବ୍ୟବସ୍ଥା କଲେ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିପାରନ୍ତେ।

ସେହିପରି ବିଶୋଇ ଅଞ୍ଚଳର ଅନ୍ୟ ଏକ ବୃହତ ପର୍ଯ୍ୟଟନସ୍ଥଳୀ ହେଉଛି ବାଙ୍କବଳ ନଦୀବନ୍ଧ। ଦୀର୍ଘ ୩୦ ବର୍ଷ ପୂର୍ବରୁ ଏହି ବନ୍ଧର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ବିଶୋଇ ଅଞ୍ଚଳରୁ ୫୦ ନମ୍ବର ରାଜ୍ୟ ରାଜପଥ ଦେଇ ଗଲେ ପଡ଼େ ମଧୁପୁର ଛକ । ମଧୁପୁରରୁ ପାଖାପାଖି ୧ କିମି ଭିତରକୁ ଗଲେ ପଡ଼େ ବାଙ୍କବଳ ବନ୍ଧ । ମାତ୍ର ଏହି ରାସ୍ତାରେ ପଥର ଆଁ ହୋଇ ପଡିରହିଥାଏ ଫଳରେ ପର୍ଯ୍ୟଟକଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ଏହି ବନ୍ଧରେ ରାଖୀ ପୂର୍ଣ୍ଣିମାରେ ୩ ଦିନ ଧରି ଫୁଟବଲ ପ୍ରତିଯୋଗିତା ସାଙ୍ଗକୁ ମେଳା ବସୁଥିବା ହେତୁ ମୟୂରଭଞ୍ଜ ଜିଲା ସମେତ ପଡ଼ୋଶୀ ଝାଡ଼ଖଣ୍ଡ,ପଶ୍ଚିମବଙ୍ଗରୁ ଅନେକ ଲୋକଙ୍କ ଭିଡ଼ ହେବା ସହ ପର୍ଯ୍ୟଟନ ଋତୁରେ ଶତାଧିକ ଲୋକ ଏଠାକୁ ଆସିଥା'ନ୍ତି । ବାଙ୍କବଳ ବନ୍ଧ, ଡଙ୍ଗାଧର ଓ ଗେଣ୍ଡାଲୁ – ଧଳଧଳି ଏହି ୩ ଗୋଟି ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇ ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନ ଚେଷ୍ଟା କଲେ ଏହି ଅଞ୍ଚଳର ଉନ୍ନତି ହୋଇପାରନ୍ତା।

**ପ୍ରସିଦ୍ଧ ବଟେଶ୍ୱର ଶୈବପୀଠ:** ଗଞ୍ଜାମ ଜିଲା କଣ୍ଟିଆଗଡ଼ ନିକଟରେ ଅବସ୍ଥିତ ପ୍ରସିଦ୍ଧ ବାବା ବଟେଶ୍ୱର ଶୈବପୀଠ। ପ୍ରାୟ ୩୦ ଫୁଟ୍ ତଳେ ପୂଜା ପାଉଛନ୍ତି ମହାଦେବ । ମନ୍ଦିର ଚତୁଃପାର୍ଶ୍ୱରେ ଘେରିରହିଛି ଝାଉଁ ଜଙ୍ଗଲ । ସୁନ୍ଦର ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ମନ୍ଦିରକୁ ଲାଗି ରହିଛି ଶିଶୁ ଉଦ୍ୟାନ । ପାର୍କକୁ ଲାଗିରହିଛି ଏକ ଅତ୍ୟାଧୁନିକ ପୋଖରୀ ଓ ପୋଖରୀର ମଧ୍ୟସ୍ଥଳରେ ବିରାଟ ଶିବମୂର୍ତ୍ତି। ପୋଖରୀ ଚତୁଃପାର୍ଶ୍ୱରେ ବିଭିନ୍ନ ଛୋଟ ଛୋଟ ଫୁଲଗଛ ଲଗାଯାଇଥିବା ବେଳେ ଆକର୍ଷଣୀୟ ଆଲୋକମାଳାରେ ଝଲସି ଉଠୁଛି ପୋଖରୀ । ଯାହା ପର୍ଯ୍ୟଟକଙ୍କୁ ବିମୋହିତ କରୁଛି । ବଟେଶ୍ୱର ପୀଠଠାରୁ ଆଉ କିଛି ଦୂରରେ ରହିଛି ବଙ୍ଗୋପସାଗର ବେଳାଭୂମି । ପ୍ରତିବର୍ଷ କାର୍ତ୍ତିକ ମାସ ସୋମବାର ଏଠାରେ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥାଏ । ମାସ ଶେଷରେ ପୂର୍ଣ୍ଣିମାରେ ଏହି ପୀଠରେ ବାଲିଯାତ୍ରା ଅନୁଷ୍ଠିତ ହୁଏ। ଲକ୍ଷାଧିକ ଭକ୍ତ ଠାକୁର ଦର୍ଶନ ସାଙ୍ଗକୁ ବେଳାଭୂମିରେ ମଜା ନିଅନ୍ତି । ଏହି ପୁରାତନ ଶୈବପୀଠକୁ ଯିବାକୁ ହେଲେ ବ୍ରହ୍ମପୁର କିମ୍ବା ଭୁବନେଶ୍ୱରରୁ ଆସିଲେ ୧୬ନଂ ଜାତୀୟ ରାଜପଥ ହୁମାଠାରୁ ମାତ୍ର ୩ କିମି ରାସ୍ତା ଅତିକ୍ରମ କରିବାକୁ ହେବ । ଏହି ମନ୍ଦିରର ଯାନିଯାତ୍ରାକୁ ଛଅଖଣ୍ଡ ଗ୍ରାମବାସୀ ତଥା କଣ୍ଟିଆଗଡ଼, ନୀଳାଦ୍ରିପୁର, ଖଟୁଆକୁଦା, ମୟଚର ପଦା, ଗୋଖରକୁଦା ଏବଂ ପୋଡ଼ମପେଟା ଗ୍ରାମବାସୀ ପରିଚାଳନା କରୁଛନ୍ତି ।

**ଆକର୍ଷିତ କରେ ଜଙ୍ଗଲୀ ପରିବେଶ :** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କଜଳାଇପଲ୍ଲୀ ପଞ୍ଚାୟତର ଶିମିଳି ଝରଣା ନୟାଗଡ଼ ଜିଲା ସଦର ମହକୁମାଠାରୁ ୨୦ କମି ଦୂରରେ ଏବଂ ଆଦିବାସୀ ଗାଁ ଶିମିଳିଠାରୁ ୧ କିମି ଦୂରରେ । ନୂଆ ଜଗନ୍ନାଥ ସଡ଼କରେ ପୁରୀ, ଭୁବନେଶ୍ୱରରୁ ଆସିଲେ ଗୋଡିପଡା ଦେଇ ଯାଇ ହେବ। ଝରଣାର ଚତୁଃପାର୍ଶ୍ୱରେ ଘେରି ରହିଛି ସବୁଜ ପାହାଡ଼ ସହ ମୂଲ୍ୟବାନ ଗଛର ଜଙ୍ଗଲ ଓ ଔଷଧୀୟ ବୃକ୍ଷରାଜି। ୪ କିମି ବ୍ୟାପିଥିବା ଏହି ଝରଣା ଟାମଣା ମୁଣ୍ଡିଆଠାରୁ ଆରମ୍ଭ ହୋଇ ଚକାଆମ୍ବ, ଶିମିଳିଗଣ୍ଡ, ଗର୍ଭୁଣୀ ଠାକୁରାଣୀଙ୍କ ପାଦଦେଶ ଦେଇ ଉସ୍ୱେଇନାଗଝର ନଦୀରେ ମିଶିଛି । ମୁଣ୍ଡିଆ ଉପରେ ଶାନ୍ତ, ମନୋଲୋଭା ପରିବେଶ ମଧ୍ୟରେ ପୂଜା ପାଉଛନ୍ତି ଗର୍ଭୁଣୀ ଠାକୁରାଣୀ । ବର୍ଷକୁ ଥରେ ଗହ୍ମାପୂର୍ଣ୍ଣିମାରେ ଏହି ପୀଠ ଚଳଚଞ୍ଚଳ ହୁଏ । ଏହି ଦିବସରେ ଆଦିବାସୀମାନେ ନିଜର ମନୋମାଳିନ୍ୟ ଭୁଲି ଏକାଠି ହୋଇ ନାଚି, ଗାଇ ମଉଜ ମଜ୍‌ଲିସ୍ କରନ୍ତି । ସନ୍ଧ୍ୟାରେ ଶିମିଳି ଝରଣାର ବାର୍‌ହା ଗଣ୍ଡରେ ଭୋଜି କରନ୍ତି । ଆଜିକାଲି ଶିମିଳି ଝରଣାରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ି ଚାଲିଛି । ପ୍ରତ୍ୟହ ଶତାଧିକ ପର୍ଯ୍ୟଟକ ଆସୁଥିବା ବେଳେ ସେମାନଙ୍କ ପାଇଁ ଏଠାରେ ସେପରି କିଛି ସୁବିଧା ନାହିଁ। ସରକାର ଏହାକୁ ପର୍ଯ୍ୟଟନସ୍ଥଳୀ ଘୋଷଣା କରି ଆନୁଷଙ୍ଗିକ ବ୍ୟବସ୍ଥା ପ୍ରଦାନ କଲେ ଅଧିକ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକ ଆସିପାରନ୍ତେ।

**ବସାବାଗୁଲି:** ପାହାଡ଼ତଳର ଗାଁକୁ ଲାଗିରହିଛି ସଡ଼କପଥ। ପୁଣି ପାହାଡ଼ ପାଦଦେଶରେ ମା' ସର୍ବମଙ୍ଗଳାଙ୍କ ପୀଠ। ପାହାଡ଼ ସାରା ସବୁଜିମାରେ ଭରା। ଏଠାରେ ବର୍ଷର ପ୍ରାୟ ସବୁ ସମୟରେ ଆୟୋଜନ ହୋଇଥାଏ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟକ୍ରମ। ସ୍ଥାନୀୟ ଗ୍ରାମବାସୀଙ୍କ ଛଡା ଅନ୍ୟାନ୍ୟ ଅଞ୍ଚଳରୁ ମଧ ଲୋକମାନେ ଆସିଥାନ୍ତି। ଏହା ଖୋର୍ଦ୍ଧା ଜିଲାର ବାଣପୁର ବ୍ଲକ ଅନ୍ତର୍ଗତ ନାଚୁଣୀ ଗ୍ରାମପଞ୍ଚାୟତ ଅଧୀନ ଜୀବନଦେଇ ପୁରରେ ଅବସ୍ଥିତ। ୧୬ନମ୍ବର ଜାତୀୟ ରାଜପଥର ନାଚୁଣୀରୁ ବାଲୁଗାଁକୁ ଯିବାବେଳେ ରାଜପଥ ମଧ୍ୟରେ ପଡ଼ିବ ସୁନାଖଳା ଛକ। ଏଠାରୁ ଗମ୍ଭାରିମୁଣ୍ଡା–ବାଣପୁରକୁ ଲମ୍ବିଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ପ୍ରାୟ ୨କିମି ଦୂରରେ ଅବସ୍ଥିତ ବସାବାଗୁଲି ପାହାଡ଼। କାହିଁ କେଉଁ କାଳରୁ ଏହି ପାହାଡ଼ ପାଦଦେଶରେ ପୂଜାପାଇ ଆସୁଛନ୍ତି ମା' ସର୍ବ ମଙ୍ଗଳା। ଏଠାରେ ମା'ଙ୍କ ଦର୍ଶନ ତ କରିହେବ ତା'ସହିତ ପାହାଡ଼, ଜଙ୍ଗଲରେ ବୁଲିବାରେ ଆଗ୍ରହ ଥିବା ପର୍ଯ୍ୟଟକଙ୍କ ପାଇଁ ଏହା ଏକ ସୁନ୍ଦର ପର୍ଯ୍ୟଟନସ୍ଥଳୀ। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ପାହାଡ଼ର ପାଦଦେଶରେ ଏକ ଜଳାଶୟ କରାଯାଇଛି। ବାଲୁଗାଁ ବନବିଭାଗ ଅଧୀନ ବସାବାଗୁଲି ପାହାଡ଼, ଜଙ୍ଗଲ ସୁରକ୍ଷା ପାଇଁ ଏହି ଗାଁରେ ଗଢିଉଠିଛି ଏକ ବନ୍ୟ ସଂରକ୍ଷଣ ସମିତି। ଅନ୍ୟପକ୍ଷେ ଏଠାରେ ରହିଛି ରୋଷଘର, ଯଜ୍ଞମଣ୍ଡପ ଓ ଅତିଥିଘର। ବର୍ଷର ବିଭିନ୍ନ ସମୟରେ ଏହି ସୁନ୍ଦର ପରିବେଶରେ ବଣଭୋଜିପାଇଁ ଲୋକଙ୍କ ଭିଡ଼ ଜମିଥାଏ।

ଏହିସବୁ ସ୍ଥାନକୁ ବାଦ୍‌ଦେଲେ ସାରା ଓଡ଼ିଶାରେ ଆହୁରି ଏମିତି ଅନେକ ପର୍ଯ୍ୟଟନସ୍ଥଳୀ ରହିଛି, ଯାହା ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଲେ ବି ତା'ର ଅପରୂପ ସୌନ୍ଦର୍ଯ୍ୟର ଆକର୍ଷଣ ପର୍ଯ୍ୟଟକଙ୍କୁ ଟାଣି ଆଣୁଛି ତା'ପାଖକୁ।

**–ରୋଜାଲିନ ମହାନ୍ତି**

**ନରେଶ ପଟ୍ଟନାୟକ, ଇଂ ଅମିତ କୁମାର ଦାସ, ବିଦ୍ୟାଧର ସାହୁ, ଲୋକନାଥ ମିଶ୍ର**







# ଟ୍ରେଣ୍ଡି ଷ୍ଟୋଲ୍

**ଶୀତଦିନେ ଥଣ୍ଡାରୁ ରକ୍ଷା ପାଇବା ପାଇଁ କୋଟ୍, ଜ୍ୟାକେଟ୍, ୱିଣ୍ଟର୍ କ୍ୟାପ୍, ଗ୍ଲୋଭ୍ସ ତଥା ସକ୍ସର ବ୍ୟବହାର ଯେତିକି ଜରୁରୀ ଷ୍ଟୋଲ୍‌ର ବ୍ୟବହାର ମଧ୍ୟ ସେତିକି ଆବଶ୍ୟକ। କାରଣ ଷ୍ଟୋଲ୍ ବି ଶୀତରୁ ରକ୍ଷା କରିବା ସହ ଯୁବତୀଙ୍କର ପର୍ସନାଲିଟିକୁ ବଢ଼ାଇବାରେ ସାହାଯ୍ୟ କରିଥାଏ। ତେବେ ଷ୍ଟୋଲ୍‌ର କ'ଣ ସବୁ ଲାଟେଷ୍ଟ ଟ୍ରେଣ୍ଡ ରହିଛି, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

✲ **ଲିଓପାର୍ଡ ପ୍ରିଣ୍ଟ ଷ୍ଟୋଲ୍:** ଲିଓପାର୍ଡ ପ୍ରିଣ୍ଟ ଯେକୌଣସି ଆଉଟ୍‌ଫିଟ୍‌କୁ ଡିଫରେଣ୍ଟ ଲୁକ୍ ଦେଇଥାଏ। ତେଣୁ ଏହି ପ୍ରିଣ୍ଟର ଷ୍ଟୋଲ୍‌ର ଚାହିଦା ସବୁବେଳେ ରହି ଆସିଛି। ଖାସ୍ କରି ଏହି ଷ୍ଟୋଲ୍‌କୁ ଟ୍ରେଞ୍ଚ କୋଟ୍ କିମ୍ବା ଯେକୌଣସି ଉଲେନ୍ ଟପ୍ସ ସହ ମ୍ୟାଚ୍ କରି ପିନ୍ଧିଲେ ଶୀତରୁ ରକ୍ଷା ପାଇବା ସହ କ୍ଲାସି ଲୁକ୍ ମିଳିଥାଏ।

✲ **ପମ୍ ପମ୍ ଷ୍ଟୋଲ୍:** ପମ୍ ପମ୍ ଡିଜାଇନ୍‌ର ଜୁଏଲେରି ଓ ଆଉଟ୍‌ଫିଟ୍ ତ ଅନେକ ଟ୍ରାଏ କରିଥିବେ, ଏଥର ଟିକେ ପମ୍ ପମ୍ ଡିଜାଇନ୍ ବାଲା ଷ୍ଟୋଲ୍‌କୁ ତ ବ୍ୟବହାର କରନ୍ତୁ। ଏହା ଖୁବ୍ ସୁନ୍ଦର ଦେଖାଯାଇଥାଏ। ବିଶେଷକରି ସିମ୍ପଲ୍ କାମ ହୋଇଥିବା ଉଲେନ୍ ଟପ୍ସ ସହ ଏହା ଭଲ ମାନିଥାଏ।

✲ **ମଲ୍ଟିକଲର୍ ଷ୍ଟୋଲ୍:** ଆପଣ ଚାହିଁଲେ ମଲ୍ଟିକଲର୍ ଷ୍ଟୋଲ୍‌କୁ ବି ଏଥର ଶୀତଦିନେ ବ୍ୟବହାର କରିପାରିବେ। ଏହା କେବେ ବି ଆଉଟ୍ ଅଫ୍ ଫ୍ୟାଶନ ହୁଏ ନାହିଁ। ତା'ଛଡ଼ା ଏହାକୁ ଯେ କୌଣସି ଡ୍ରେସ୍ ସହ ମ୍ୟାଚିଂ କରି ବ୍ୟବହାର କରିହୁଏ। ଆପଣ ଚାହିଁଲେ ଏହାକୁ ଉଲେନ୍ ଟପ୍ସ କିମ୍ବା ବ୍ଲେଜର୍ ଅବା ଶାଢ଼ି ସହିତ ବି ଟ୍ରାଏ କରିପାରିବେ। ସେହିପରି ଏହି ଗେଟ୍‌ଅପ୍ ସହିତ ଲଙ୍ଗ୍ ବୁଟ୍ସ ପିନ୍ଧିଲେ ଲୁକ୍ ଆହୁରି ଆକର୍ଷଣୀୟ ଲାଗିଥାଏ।

✲ **ଫ୍ଲୋରାଲ୍ ଡିଜାଇନ୍ ଷ୍ଟୋଲ୍:** ଫ୍ଲୋରାଲ୍ ପ୍ରିଣ୍ଟ ଆଉଟ୍‌ଫିଟ୍ ସବୁବେଳେ ରିଫ୍ରେଶିଙ୍ଗ୍ ଲୁକ୍ ଦେଇଥାଏ। ସେହି ଅନୁଯାୟୀ, ଫ୍ଲୋରାଲ୍ ଡିଜାଇନ୍‌ର ଷ୍ଟୋଲ୍ ବି ଲୁକ୍‌କୁ ଆଟ୍ରାକ୍ଟିଭ୍ କରିବା ସହ ଶୀତ ଦାଉରୁ ରକ୍ଷା କରିବାରେ ଅନେକ ସାହାଯ୍ୟ କରିଥାଏ। ଖାସ୍ କରି ବେକ ଚାରିପଟେ ଏହି ଡିଜାଇନ୍‌ର ଷ୍ଟୋଲ୍‌କୁ ଷ୍ଟାଇଲିଶ୍ ୱେରେ କ୍ୟାରି କଲେ ଲୁକ୍ ଅଧିକ ସୁନ୍ଦର ଦେଖାଯାଇଥାଏ।

✲ **ଏମ୍ବ୍ରୋଡୋରୀ ଷ୍ଟୋଲ୍:** ଏମ୍ବ୍ରୋଡୋରୀ କାମ ହୋଇଥିବା ଯେ କୌଣସି ଆଉଟ୍‌ଫିଟ୍ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଠିକ୍ ସେମିତି ଏମ୍ବ୍ରୋଡୋରୀ କାମ ହୋଇଥିବା ଷ୍ଟୋଲ୍ ବି ଲୁକ୍‌କୁ ସୁନ୍ଦର କରିବାରେ ବେଶ୍ ସହାୟକ ହୋଇଥାଏ। ତେବେ ଏହି ଷ୍ଟାଇଲ୍‌ର ଷ୍ଟୋଲ୍‌କୁ ଖାସ୍ କରି ସାଲଓ୍ୱାର୍ କମିଜ୍ କିମ୍ବା ଲଙ୍ଗ୍ ସ୍କର୍ଟ ଓ ଟପ୍ସ ସହ ପେୟାର୍ କରି ପିନ୍ଧିଲେ ସୁନ୍ଦର ଦେଖାଯାଇଥାଏ।

✲ **ଫକ୍ସ ଫର୍ ନେକ୍ ୱାର୍ମର୍:** ଏହି ଷ୍ଟୋଲ୍ ମୁଖ୍ୟତଃ ଦେଖିବାକୁ ଲୋମଶ ଡିଜାଇନ୍‌ର ହୋଇଥାଏ। ଯାହାକୁ ଷ୍ଟାଇଲ୍‌ରେ ବେକ ଚାରିପଟେ ପକାଇଲେ ବେକ ଓ ଗାଲକୁ ବେଶ୍ କୋମଳ ଲାଗିବା ସହ ମଡର୍ନ ଲୁକ୍ ମିଳିଥାଏ। ତା' ସହିତ ଏହାକୁ ବ୍ୟବହାର କଲେ ଶରୀରକୁ ଉଷ୍ମତା ମିଳିଥାଏ। ତେବେ ଏହି ଷ୍ଟାଇଲିଶ୍ ଷ୍ଟୋଲ୍‌କୁ ବ୍ଲେଜର୍, କୋଟ୍ କିମ୍ବା ପାର୍ଟି ଡ୍ରେସ୍ ସହ ମ୍ୟାଚିଂ କରି ପିନ୍ଧିଲେ ଆଟ୍ରାକ୍ଟିଭ୍ ଲୁକ୍ ମିଳିଥାଏ।





# ଘର ଏଠି ମନ୍ଦିର





ଏହା ଗୋଟିଏ ଘର, କିନ୍ତୁ ଦୈନିକ ପରିଚାଳିତ ହେଉଛି ମନ୍ଦିର ନୀତିକାନ୍ତିରେ। ଏଠାରେ ପ୍ରତିଦିନ ଦେବନୀତିରେ ପୂଜା ପାଉଛନ୍ତି ଠାକୁର। ଘର ଏଠି ପାଲଟିଛି ମନ୍ଦିର। ଦୈନିକ ଘଣ୍ଟ, ଘଣ୍ଟା, ମୃଦଙ୍ଗ, ମନ୍ତ୍ରଧ୍ୱନିରେ କମ୍ପୁଛି ପରିବେଶ। ଭୋର ୪ଟା ଦ୍ୱାରଫିଠାଠାରୁ ରାତ୍ର ପହଡ଼ ପର୍ଯ୍ୟନ୍ତ ଚାଲେ ନୀତିକାନ୍ତି। ଶ୍ରୀରାଧାକୃଷ୍ଣ, ନିତାଇ ଗୌରାଙ୍ଗ ମନ୍ତ୍ରୋଚ୍ଚାରଣ, ଭାଗବତ ପୂଜାପାଠରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥାଏ। ଖୋର୍ଦ୍ଧା ସହର ଶ୍ରୀରାମ ନଗର ହାଉସିଂବୋର୍ଡ କଲୋନୀଠାରେ ଦେଖିବାକୁ ମିଳେ ଏହି ଅନନ୍ୟ ପରମ୍ପରା।

ସ୍ୱର୍ଗତ ବୈଦ୍ୟନାଥ ସାମନ୍ତରାୟ ଚାକିରି ଜୀବନରୁ ଅବସର ଗ୍ରହଣ ପରେ ଆଜକୁ ୩୦ ବର୍ଷ ତଳେ ତତ୍‌କାଳୀନ ଗୌଡ଼ୀୟ ମିଶନ ସର୍ବଭାରତୀୟ ମୁଖ୍ୟ ଭାଗବତ ମହାରାଜଙ୍କ ସଂସ୍ପର୍ଶରେ ଆସିବା ପରେ ତାଙ୍କଠାରୁ ଉଭୟ ଦମ୍ପତି ଗୌଡ଼ୀୟ ଦୀକ୍ଷା ଗ୍ରହଣ କରିଥିଲେ। ପରେ ଗୁରୁଙ୍କ ମାର୍ଗଦର୍ଶନରେ ଘର ଭିତରେ ଏକ ମନ୍ଦିର ସଦୃଶ୍ୟ ସ୍ୱତନ୍ତ୍ର କୋଠରି ନିର୍ମାଣ କରାଇ ସେଠାରେ ରାଧାବିନୋଦ ଠାକୁର, ଗୌରସୁନ୍ଦର(ଶ୍ରୀଚୈତନ୍ୟ ଦେବ)ଙ୍କ ସ୍ଥାପନା କରାଇଥିଲେ। ବାପାଙ୍କ ନିର୍ଦ୍ଦେଶକ୍ରମେ ପୁତ୍ର ଗୋପାଳକୃଷ୍ଣ ଓ ବୋହୂ ମଧୁପ୍ରିୟା ଦୀକ୍ଷା ଗ୍ରହଣ କରିଥିଲେ। ପରେ ତାଙ୍କ ନାତି ପାର୍ଥସାରଥି ମଧ୍ୟ ବର୍ତ୍ତମାନର ଗୌଡୀୟ ମିଶନ ଅଧ୍ୟକ୍ଷ ସନ୍ନ୍ୟାସୀ ମହାରାଜଙ୍କଠାରୁ ଦୀକ୍ଷା ଗ୍ରହଣ କରିଛନ୍ତି। ବୈଦ୍ୟନାଥଙ୍କ ସପରିବାର ଭାଗବତ ପୂଜା, ଆରାଧନାରେ ସମୟ କାଟିଥାନ୍ତି। ଭୋର୍ ୪ଟାରେ ଦ୍ୱାରଫିଟା ପରେ ୫ଟାରେ ମଙ୍ଗଳ ଆଳତି, ୬ଟାରେ ବାଳଭୋଗ, ୭ଟାରେ ସକାଳ ଜଳଖିଆରେ ମହନଭୋଗ ଅର୍ପଣ କରାଯାଏ। ପରେ ୭ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲେ ଭାଗବତ ପାଠ, ହରେକୃଷ୍ଣ ନାମ ଜପ। ସାଢ଼େ ୧୨ଟାରୁ ଅପରାହ୍ନ ୧ଟାରେ ଅନ୍ନଭୋଗ କରାଯାଏ। ଅନ୍ନଭୋଗରେ ଅନ୍ନ, ଡାଲମା, ବିଭିନ୍ନ ପ୍ରକାର ବ୍ୟଞ୍ଜନ, ଶାଗ, ଭଜା, ମିଠା ଭୋଗ କରାଯାଇ ପହଡ଼ କରାଯାଏ। ପୁଣି ଅପରାହ୍ନ ସାଢ଼େ ୩ଟାରେ ପହୁଡ଼ ଖୋଲିବା ପରେ ଶୁଖିଲା ଭୋଗ, ସନ୍ଧ୍ୟା ୬ଟାରେ ଆଳତି, ଭାଗବତ ପାଠ, ଭଜନ, ରାତି ୮ଟାରେ ଭୋଗରେ ରୁଟି, କ୍ଷୀର ଓ ମିଠା ଭୋଗ, ରାତି ୧୦ଟାରେ ଆଳତି କରାଯାଇ ରାତ୍ର ପହଡ଼ କରାଯାଏ। ଦୈନିକ ୪ଥର ଆଳତି କରାଯାଏ। ବୈଦିକ ରୀତିନୀତି ଅନୁଯାୟୀ ସମସ୍ତ ପର୍ବପର୍ବାଣି ପାଳନ କରାଯାଏ। ପ୍ରତି ଏକାଦଶୀରେ ସକାଳ ଠାରୁ ରାତ୍ର ପର୍ଯ୍ୟନ୍ତ ସଂକୀର୍ତ୍ତନ, ନାମଜପ କରାଯାଏ। ଏତଦ୍‌ବ୍ୟତୀତ ଜନ୍ମାଷ୍ଟମୀ, ଗୀତାଜୟନ୍ତୀ, ଗୋବର୍ଦ୍ଧନ ପୂଜା, ଭାଗବତ ଜନ୍ମ, ଦୋଳ ଓ ଝୁଲଣ ଯାତ୍ରା ଆଡ଼ମ୍ବରରେ ପାଳନ କରାଯାଏ। ଏଥିସହିତ ବୈଷ୍ଣବୀୟ ସାଧୁସନ୍ଥମାନଙ୍କୁ ନେଇ ଭାଗବତ ସପ୍ତାହ, ଭାଗବତ ପ୍ରବଚନ ଆୟୋଜନ କରାଯାଇଥାଏ। ମୁଖ୍ୟତଃ ଜନ୍ମାଷ୍ଟମୀରେ ଶ୍ରୀକୃଷ୍ଣ ଜନ୍ମନୀତି ଏବଂ ଭାଗବତ ଜନ୍ମୋତ୍ସବ ଧୁମ୍‌ଧାମରେ ପାଳନ କରାଯାଏ। ସପ୍ତାହ ବ୍ୟାପୀ ଭାଗବତ ସପ୍ତାହ, ଅଖଣ୍ଡ ନାମଜପ, ହରେକୃଷ୍ଣ ନାମ ସଂକୀର୍ତ୍ତନ କରାଯାଏ ବୋଲି ଗୋପାଳକୃଷ୍ଣ କହିଛନ୍ତି।

ଗୋପାଳକୃଷ୍ଣ କୁହନ୍ତି, ଗତବର୍ଷ ଉଭୟ ବାପା, ମା'ଙ୍କୁ ହରାଇଛି। ବାପାଙ୍କ ସମୟରୁ ସପରିବାର ମିଶି ପୂଜାପାଠ କରୁଥିଲୁ। ଏକାଠି ବସି ସକାଳ ଏବଂ ସନ୍ଧ୍ୟାରେ ସମୂହ ଭାଗବତ ପାଠ, ନାମଜପ କରୁ। ନୂଆ ବସ୍‌ଷ୍ଟାଣ୍ଡରେ ମୋର ଏକ ସ୍ପେଆର ପାର୍ଟସ୍ ଦୋକାନ ରହିଛି। ପୁଅ ଯୁକ୍ତ ଦୁଇ ବିଜ୍ଞାନ ଏବଂ ଝିଅ ନବମ ଶ୍ରେଣୀରେ ପଢୁଛି। ସ୍ତ୍ରୀ ଜଣେ ଗୃହିଣୀ। ବାପା,ମା' ଅନ୍ତେ ଏବେ ପୁଅ ସକାଳ ନୀତିକାନ୍ତି ସାରି କଲେଜ ଯାଏ। ଝିଅ ସୁନନ୍ଦା ମଧ୍ୟ ପୂଜାପାଠରେ ଭାଇକୁ ସହଯୋଗ କରେ। ମୁଁ ଏବଂ ପତ୍ନୀ ମିଶି ମଧ୍ୟାହ୍ନ ନୀତି ସମ୍ପନ୍ନ କରୁ। ପୁଅ କଲେଜରୁ ଫେରିବା ପରେ ସନ୍ଧ୍ୟା ଆଳତି ଏବଂ ଅନ୍ୟ ନୀତି କରିଥାଏ। ପୁଅଝିଅ ଠାକୁର ସେବାରେ ଲାଗିଥିବା ବେଳେ ପତ୍ନୀ ଘରକାମ ସାରି ଠାକୁରଙ୍କ ପାଇଁ ଭୋଗ ପ୍ରସ୍ତୁତ କରନ୍ତି। ସକାଳ ଦ୍ୱାରଫିଠାଠାରୁ ରାତ୍ର ପହଡ଼ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ବ୍ୟବସ୍ଥିତ ଏବଂ ବୈଦିକ ରୀତିନୀତି ଅନୁଯାୟୀ ହୋଇଥାଏ। ଠାକୁରଙ୍କ ସେବାରେ କୌଣସି ବ୍ୟତିକ୍ରମ କରାଯାଏ ନାହିଁ। କୌଣସି କାମରେ ଯଦି ଆମକୁ ବାହାରକୁ କିଛିଦିନ ପାଇଁ ଯିବାକୁ ପଡ଼େ, ତା'ହେଲେ ନିକଟରେ ଥିବା ଇସ୍କନ ମନ୍ଦିରରେ ଆମ ଠାକୁରଙ୍କୁ ଅର୍ପଣ କରି ଯାଇଥାଉ।

ପୁଣି ଫେରିଲେ ଠାକୁରଙ୍କୁ ଆମେ ଆମ ଘରକୁ ନେଇ ଆସିଥାଉ। ଜନ୍ମମୃତ୍ୟୁକୁ ନେଇ ସାଧାରଣତଃ ପୂଜାରେ ଯେଉଁ ବାରଣ ଥାଏ, ଆମ ଘରେ କିନ୍ତୁ ସେସବୁ ନ ଥାଏ ; ଯେହେତୁ ଆମେ ଦୀକ୍ଷିତ। ମୋର ଦୋକାନ କାମ ଥିବାରୁ ମୁଁ କେବଳ ସକାଳ ଏବଂ ରାତ୍ର ପହଡ଼ ସମୟରେ ଠାକୁରଙ୍କ ସେବାରେ ଯୋଗଦେଇଥାଏ। ସନ୍ଧ୍ୟାରେ ପରିବାର ସହ ସାହିପଡ଼ିଶା ମଧ୍ୟ ସନ୍ଧ୍ୟା ଆଳତି, ଭାଗବତ ପାଠରେ ଯୋଗଦାନ କରିଥାନ୍ତି।

ଗୋପାଳକୃଷ୍ଣଙ୍କ ଧର୍ମପତ୍ନୀ ମଧୁପ୍ରିୟା କୁହନ୍ତି, ଘରକୁ ବୋହୂ ହୋଇ ଆସିବା ପରେ ଏଭଳି ଏକ ଅନନ୍ୟ ପରମ୍ପରା ସହ ମୁଁ ଯୋଡ଼ି ହୋଇଯାଇଛି। ଗୋପାଳକୃଷ୍ଣଙ୍କ ପୁଅ ପାର୍ଥସାରଥି କୁହନ୍ତି, ପାଠପଢ଼ା ସହ ଦେବନୀତି ମୋ ଜୀବନର ଏକ ଅଙ୍ଗ ପାଲଟିଯାଇଛି। ଏଥିରେ ଯେଉଁ ଆନନ୍ଦ ରହିଛି ତାହା ଖେଳକୁଦ, ମଉଜମଜଲିସ୍‌ରେ ନାହିଁ। ଝିଅ ସୁନନ୍ଦା କୁହନ୍ତି, ଭାଇଙ୍କୁ ସେବାରେ ସହଯୋଗ କରେ। ଦୈନିକ ଠାକୁର ଘର ଓଳାଓଳି, ପୋଛା, ବ୍ୟବହୃତ ସାମଗ୍ରୀ ସଫା କରିବା ସହ ତାଙ୍କୁ କାମରେ ସହଯୋଗ କରେ। ସକାଳ, ସନ୍ଧ୍ୟାରେ ମିଳିମିଶି ସପରିବାର ଭଜନ କୀର୍ତ୍ତନ କରୁ। ପିଲାବେଳୁ ଜେଜେବାପା, ମା'ଙ୍କଠାରୁ ଏହା ଶିଖି ଆସିଛି। ପାଠପଢ଼ା ସହ ଠାକୁରଙ୍କ ସେବା କରିବାରେ ବହୁତ ଖୁସି ଲାଗେ।



–ପ୍ରଭାତ ପାଣିଗ୍ରାହୀ

# ଶୀତରେ କେଶର ଯତ୍ନ

**ଶୀତଦିନେ ତ୍ୱଚାର ଯତ୍ନ ସହିତ କେଶର ମଧ୍ୟ ସଠିକ୍ ଦେଖାଚାହାଁ କରିବା ନିହାତି ଜରୁରୀ। କାରଣ ଶୀତଦିନେ ଅନେକଙ୍କର କେଶ ରୁକ୍ଷ ହେବା ସହ କାହାର କାହାର ରୁପି ସମସ୍ୟା ମଧ୍ୟ ଦେଖାଯାଇଥାଏ। ତେଣୁ ଶୀତଦିନେ ସହଜ ଉପାୟରେ କେଶର କିପରି ସଠିକ୍ ଯତ୍ନ ନେଇ ତାହାକୁ ଆକର୍ଷଣୀୟ କରିହେବ ଜାଣନ୍ତୁ ସେ ସମ୍ପର୍କରେ...**

* ଶୀତଦିନେ ଅତି କମ୍‌ରେ ୨/୩ ଥର କେଶକୁ ଭଲ ଭାବେ ସଫା କରିବା ଆବଶ୍ୟକ।
* କେଶ ସଫା କଲାବେଳେ ଉଷୁମ ପାଣିର ବ୍ୟବହାର କଲେ ଭଲ।
* ଏହି ଦିନେ କେଶରେ କଣ୍ଡିସନର୍ ଲଗାଇବା ବି ଜରୁରୀ। କାରଣ ଏହା ସହଜରେ କେଶକୁ ରୁକ୍ଷ ହେବାକୁ ଦିଏନାହିଁ।



* କଣ୍ଡିସନର୍ ଲଗାଇବା ପରେ ଉଭୟ ସ୍କାଲ୍ପ ଓ କେଶରେ ଭଲ ବ୍ରାଣ୍ଡର ସିରମ୍ ଲଗାଇବା ମଧ୍ୟ ଆବଶ୍ୟକ। କାରଣ ଏହା କେଶକୁ ମୂଳରୁ ମଜଭୁତ୍ କରିବା ସହ ସେଥିରେ ଚମକ୍ ଆଣିଥାଏ।
* ଶୀତଦିନେ ହେୟାର୍ ଡ୍ରାୟର୍‌ର ବ୍ୟବହାର କେଶ ପାଇଁ ଆଦୌ ଠିକ୍ ନୁହେଁ। କାରଣ ଏହା ଯୋଗୁ କେଶ ଦୁର୍ବଳ ହୋଇ ଝଡିଥାଏ। ତେଣୁ ଡ୍ରାୟର୍ ପରିବର୍ତ୍ତେ ଶୀତଦିନେ ସୂତା କପଡ଼ାରେ ହାଲ୍‌କା ଭାବେ ଓଦା କେଶକୁ ପୋଛି ଶୁଖାଇବା ସର୍ବୋତ୍ତମ।
* ଶୀତଦିନେ ସପ୍ତାହକୁ ଥରେ ହେଉନା କାହିଁକି କେଶରେ ନଖ ଉଷୁମ ନଡ଼ିଆ ତେଲକୁ କିଛି ସମୟ ମାଲିସ୍ କରି ପରେ ଧୋଇଦେଲେ ବି କେଶର ରୁକ୍ଷପଣ ଅନେକାଂଶରେ କମିଯାଇଥାଏ।



# ଭଲ ଅଛ

–ଗୋସ୍ୱାମୀ ଗୋଲାମ ଦେବତା

ଭଲ ଅଛ ? କାହିଁକି ପଚାର ବନ୍ଧୁ
ଏମିତି ଫି’ଥର କଥା ଆରମ୍ଭରେ ?
‘ଭଲ’ ବୋଲି ଶୁଣିବାର ଅଭ୍ୟସ୍ତ କାନକୁ
କେମିତି ଶୁଭିବ ‘ଭଲନାହିଁ କହିଦିଏ ଯଦି ?
ଆଟମ୍ବିତ ନିହାତି ଏ କଥା, ଲୋଡାହେବ
ଅନିବାର୍ଯ୍ୟ ଭୂମିକାର ଲମ୍ବା ଇସ୍ତାହାର ।
କାହାର ବା ଧୈର୍ଯ୍ୟ ଅଛି କହିବାର ଅବା ଶୁଣିବାର ?
କୃପଣ ଏ ସମୟର ନିଷେଧ ନମାନି ।
ସେଥିପାଇଁ ମୋ ଓଠରେ ମୁଖବନ୍ଧ ସଫେଦ ହସର
ମୋ କଣ୍ଠର ନିର୍ଲିପ୍ତ ଆବାଜ୍
ମୋତେ ହିଁ ନିଶ୍ଚିନ୍ତ କରେ ଅନ୍ଧାରରେ ଛପି ଯିବା ପାଇଁ
ଦରଜ ତ ଗୋପନୀୟ ଲୁଚାଇଛି ପରଦା ସେପାଖେ ।
ତେଲ ଲୁଣ ଥିଲେ କ’ଣ ଭୋକ ସରିଯାଏ ?
ସ୍ୱପ୍ନର ଭଗ୍ନାଂଶମାନେ ଷଡଯନ୍ତ୍ର କରୁଥାନ୍ତି
ଭାଙ୍ଗିବାକୁ ସବୁ ଦମ୍ଭ ଦୁର୍ଗର ପ୍ରାଚୀର
ବିବସ୍ତ୍ର କରିଦେବାକୁ ଇସ୍ତ୍ରୀକରା ବ୍ୟକ୍ତିତ୍ୱକୁ
ଟାଣି ଧରିବାକୁ ଲମ୍ବା ପାହୁଣ୍ଡମାନଙ୍କୁ ।
ଅଭିଜାତ ଆଲୁଅରେ ନିଜ ଅନ୍ଧଗଳି ଭୂଲି
ଅନ୍ୟମନସ୍କ ହେଲେବି ଭାଙ୍ଗେ ନାହିଁ ଟ୍ରାଫିକ ନିୟମ ।
ମନବୋଧ ଚଉତିଶା କିଛି କିଛି ମୁଖସ୍ଥ ମୋହର
ଠିକଣା ବେଳରେ କିନ୍ତୁ ପାରେନା ଜରିବ୍ କରି
ସେ ତତ୍ତ୍ୱର ଦୈର୍ଘ୍ୟ ପ୍ରସ୍ଥ କେତେ
ଦୋଦୋପାଞ୍ଚ ସିଦ୍ଧାନ୍ତରେ ଦୋହଲି ଦୋହଲି
ଧରାବନ୍ଧା ହାରାହାରିତ୍ୱରେ ଏମିତି ବଞ୍ଚିଛି
କାହାକୁ କହିବି କିଆଁ ପ୍ରତିକାର ଯେଣୁ ନାହିଁ କିଛି ।

–ସମ୍ ହସ୍ପିଟାଲ ରୋଡ
ମୋ: ୯୪୩୭୯୨୬୪୭୦

# ଗଙ୍ଗଶିଉଳି

– ବିପ୍ଳବ

ଭଲ ହେଲା
ବୃନ୍ତଚ୍ୟୁତ ହେଇଗଲି ତ ଗଲି

ଯେଉଁଠି ଆରମ୍ଭ
ସେଇଠି ଶେଷ ହେଇଗଲା ସବୁ

ଜୀବନ, ଯୌବନ
ପ୍ରେମ, ବୟସ
ବାସ୍ନା, ଆୟୁଷ ।

ବର୍ତ୍ତି ପାରିଲି ତ
ଅମଣିଷଙ୍କ ଲୋଲୁପ ଆଖିରୁ

କିଏ ଜାଣେ
ସକାଳର ଭବିଷ୍ୟତ
କପାଳ ଲେଖା
କଣ ଥିବ

ଗଳାର ହାର
ଈଶ୍ୱରଙ୍କ ଶିର
ଅଥବା
ପାଶବିକ ଅତ୍ୟାଚାର !

–ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

# ପଣତ

–ମନୀଷା ପଣ୍ଡା

ସେଦିନ ଅଫିସରୁ ଫେରିବା ବାଟରେ ଟ୍ରାଫିକ୍ ପୋଷ୍ଟ ପାଖରେ ଖୁବ୍ ଜାମ୍ ଥାଏ ରାସ୍ତା । ପଛପାଖ ସିଟରେ ବସିଥାଏ ମୁଁ । ଗାଡ଼ିର ଝର୍କା ଖୋଲି ବାହାରକୁ ଟିକେ ନଜର ପକେଇବା କ୍ଷଣି ବାହାର ପାଖେ ଆସି ପହଞ୍ଚିଯାଇଥାଏ ଜଣେ ସ୍ତ୍ରୀ ଲୋକ । ହାତକୁ ନିଜ ପାଟି ପାଖକୁ ନେଇ ଠାରୁଥାଏ ମୋତେ କିଛି ଖାଇବା ଦେବାପାଇଁ । କୋଳରେ ଜାକି ଧରିଥାଏ ସାତ ଆଠ ମାସର ଶିଶୁଟିଏ । ଅଢେଇ କି ତିନି ବର୍ଷର ପୁଅଟିଏ ଠିଆ ହୋଇଥାଏ ତା’ ପଛକୁ ଲାଗିକରି ଉଡୁଥିବା ପଣତର ଅଗ ଭାଗକୁ କାମୁଡ଼ି । ଦେହଟା ଏକବାର ଖାଲି। ବସ୍ତ୍ର ବୋଇଲେ ମାଟିଆ ରଙ୍ଗର ଛିଣ୍ଡା ପ୍ୟାଣ୍ଟ୍ ଖଣ୍ଡେ । ମାଆ ପଣତର ଆଢୁଆଳୁ ମୁହଁ ଲୁଚାଇ ଦେଖୁଥାଏ ମୋ ଗାଡ଼ି ଭିତରକୁ ଟିକିଏ ଟିକିଏ। ସ୍ତ୍ରୀ ଲୋକଟିକୁ ଆଡ କରି ମୁଁ ଆଗକୁ ନଜର ଦେଲି । ସ୍ତ୍ରୀ ଲୋକଟି କ’ଣ ଭାବିଲା କେଜାଣି ନିଜ ପଣତଟାକୁ ଜୋର୍ କରି ପୁଅ ହାତରୁ ଛଡେଇ ନେଇ ଠେଲି ଦେଲା ତାକୁ ମୋରି ଆଡ଼କୁ । ପିଟି ହୋଇଗଲା ପିଲାଟି ମୋ ଗାଡ଼ି ଦେହରେ । ଦାନ୍ତ କାମୁଡି ମାଆଟି କହୁଥାଏ, ‘ଗିଳିବୁ ତ... ମାଗୁନୁ, ମାଗ୍...., ମାଗ୍ ୟା’କୁ। ମୋ’ ଭିତରଟା କୋରି ହୋଇଗଲା ଭୟ ଓ କରୁଣାରେ। ଗାଡ଼ିରୁ ବାହାରକୁ ବାହାରି ଆସିଲି ଆପଣା ଛାଏଁ । ପିଲାଟି ଭୟରେ ଥରୁଥାଏ। ପର୍ସ ଭିତରୁ କାଢ଼ିଲି ପଚାଶ ଟଙ୍କିଆ ନୋଟ୍ ଟିଏ। ବଢ଼େଇଲି ସ୍ତ୍ରୀ ଲୋକର ହାତକୁ। ମୁଠେଇ ଧରିଲା ଟଙ୍କାଟିକୁ ସେ। କହିଲି, ଦୁହେଁ ଜଳଖିଆ ଖାଇଦେବ । ଆଖି ଆଉ ନାକରୁ ବୋହି ଯାଉଥିବା ପାଣି ଗୁଡା ପୋଛି ପକାଇଲା ପୁଅଟି ମାଆ ପଣତରେ ଝଅଟ କରି। ନିଜ ପଣତରେ ଛୁଆଟିର ମୁହଁ ପୋଛୁ ପୋଛୁ ମାଆଟିର ଆଖିରେ ଅସହାୟତା ଦେଖିପାରୁଥିଲି। ପଚାରି ପାରୁନଥିଲି ପୁଅ ଦେହରେ ଖଣ୍ଡିଆ ହୋଇଛି କି ନାହିଁ । ପଣତକୁ ସଜାଡି ଗାଡ଼ି ଭିତରକୁ ଆସିଲି ।

–ଅଙ୍କରାନ୍ତିପୁର, ଢେଙ୍କାନାଳ
ମୋ :୮୨୪୯୬୮୬୦୯୩

# ଶୀତ ରାତି...

–ଶୁଭସ୍ମିତା ମହାନ୍ତି ଦେଓ

ତୁମକୁ ମୁଁ ଭଲ ପାଏ
ଆଗଠାରୁ ବେଶୀ ଭଲପାଏ
ନିଃଶବ୍ଦରେ ନୁହେଁ,
ତୁମେ ଆସ ସ୍ୱପ୍ନର ଦିହୁଡି ଜାଳି
କହିବି କହିବି ବୋଲି
କଥା ଯେତେ ବହିଯାଏ ଲୁହ ହୋଇ
ଶୀତରାତି ଫେରିଯାଏ
ପଛପଟ ଦରଜା ଡେଇଁ.........

–କପିଳେଶ୍ୱର ପୁର
ମୋ:୭୦୦୮୯୨୪୪୫୧



# ମାଟି

–ଶ୍ରୀ ଅଶୋକ କୁମାର ବେହେରା

ମାଟି ଚାଖଣ୍ଡକ ପାଇଁ
ଏଠି ଚାଲେ ବଡ଼ ରାଜନୀତି
ଆଲ୍ଲାର ମୁଣ୍ଡରେ ଚଢ଼ି
କିଏ ଭଗବାନକୁ ହାତ ବଢ଼ାଏ ତ
କିଏ ପୁଣି ଭଙ୍ଗା ଦେଉଳ ଉପରେ
ମସଜିଦ୍‌ର ଫାଉଣ୍ଡେସନ୍ ପକାଏ ।
ଧର୍ମକୁ ଆଖିଠାର ମାରି
ଏଠି କମିଶନ୍ ବସେ
ଦୀକ୍ଷାନ୍ତ ଭାଷଣ ଚାଲେ
ରକ୍ତର ବନ୍ୟା ଖେଳେ
ରାମ ରହିମର ନାମ
ନେଇ ଏଠି ଚାଲେ ଭଲ ରାଜନୀତି ।

–ଭୁବନେଶ୍ୱର
ମୋ: ୯୪୩୭୨୩୦୬୮୦

# ହାତବାକ୍ସର ଗୁମର

ସେ ଜନ୍ମଦାତ୍ରୀ। ପିଲାଟିକୁ ପୃଥିବୀପୃଷ୍ଠକୁ ଆଣିବା ପରେ ତାହାର ଲାଳନପାଳନ ଦାୟିତ୍ୱ ନେଇଥାଏ। ସେ ହେଉଛି ବୋଉ। ଏକ ଭିନ୍ନଧରଣର ବିଷୟବସ୍ତୁକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ବୋଉର ହାତବାକ୍ସ'। ବରିଷ୍ଠ ମଞ୍ଚ ଅଭିନେତା ତଥା ନିର୍ଦ୍ଦେଶକ ନାରାୟଣ ପତି ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଖାସ୍ କଥା ହେଲା, ଦୀର୍ଘଦିନର ବ୍ୟବଧାନ ପରେ ସେ ବଡ଼ ପରଦାକୁ ଫେରିଛନ୍ତି। ସଞ୍ଜୟ ଦାସଙ୍କ ନିବେଦିତ ତଥା ଚାଇରୋସନା ଫିଲ୍ମସ ପ୍ରଡକ୍ସନ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଡ. ଆରତି ପାଇଯୋଶୀଙ୍କ କାହାଣୀକୁ ଆଧାରକରି ଏହାର ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି ନାରାୟଣ। ତା'ସହ ଏଥିରେ ସେ ଏକ ପ୍ରମୁଖ ଭୂମିକାରେ ମଧ୍ୟ ଅଭିନୟ କରିଛନ୍ତି। ଦେବଦାସ ଛୋଟରାୟ ଓ ମାନଗୋବିନ୍ଦ ବାରିକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି କ୍ଷତିପ୍ରକାଶ ମହାପାତ୍ର। ଏହି ଫିଲ୍ମରେ ଓଡ଼ିଆ ଘରର ଚଳଣି ଓ ପରମ୍ପରାର ଝଲକ୍ ଦେଖିବାକୁ ମିଳିବ। ଏଥିରେ ଲୋପାମୁଦ୍ରା ମିଶ୍ର,ରାଜେଶ ପଣ୍ଡା ଏବଂ ସୁଶ୍ରୀ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତ। ସିନେମାଟି ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ଏହାର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ସୂଚନା ଦେଇଛନ୍ତି।


ରାଜେଶ-ସୁଶ୍ରୀ


ଅଜୟ

# ସତ ହେଲା ଅନୁମାନ

ଅଜୟ ଦେବଗନଙ୍କ ଅଭିନୀତ 'ଦୃଶ୍ୟମ-୨' ବକ୍ସ ଅଫିସରେ ଭଲ ବିଜନେସ୍ କରିଛି। ଏକଥା ଜାଣିବା ପରେ ଅଜୟଙ୍କ ଖୁସି କହିଲେ ନ ସରେ। ଯେତେବେଳେ ଏହାର ଶୁଟିଂ ହେଉଥିଲା ସେ ସମୟରେ ଥରେ ଅଜୟ ଏହାର ନିର୍ଦ୍ଦେଶକ ଅଭିଷେକ ପାଠକଙ୍କୁ କହିଥିଲେ ଯେ, ଏହି ଫିଲ୍ମଟି ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ଏ ନେଇ ଅଜୟ କହନ୍ତି, 'ଯାହାହେଉ ମୋର ପୂର୍ବାନୁମାନ ସତ ହୋଇଛି। କାରଣ ଏହାର କାହାଣୀର ଭିନ୍ନତା ମୋତେ ବେଶ୍ ଇମ୍ପ୍ରେଶ କରିଥିଲା। ଆଉ ଶୁଟିଂ ସମୟରେ ଏହାକୁ କିପରି ଠିକ୍ ଭାବରେ ଉପସ୍ଥାପନା କରାଯିବ ସେ ନେଇ ସମସ୍ତ ଅଭିନେତା ଚେଷ୍ଟା କରିଥିଲେ। ଏ ନେଇ ନିର୍ଦ୍ଦେଶକଙ୍କ ଉଦ୍ୟମକୁ ଯେତେ ପ୍ରଶଂସା କରାଯିବ ତାହା କମ୍ ହେବ। ଏବେ ମୁଁ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି କାହାଣୀ ଥିବା ଫିଲ୍ମ ହିଁ ସାଇନ୍ କରୁଛି।' ଏହି ଫିଲ୍ମଟି ନଭେମ୍ବର ୧୮ରେ ରିଲିଜ ହୋଇଥିଲା। ଏଥିରେ ଅଜୟଙ୍କ ବ୍ୟତୀତ ତବୁ, ଅକ୍ଷୟ ଖାନ୍ନା ଏବଂ ଶ୍ରିୟା ସରନ୍ ମଧ୍ୟ ଅଭିନୟ କରିଛନ୍ତି।


ଅଲାୟା

# ଅଲାୟାଙ୍କ ଆଶା

ପୂଜା ବେଦୀଙ୍କ ତନୟା ଅଲାୟା ଫର୍ନିଚରୱାଲା ଅଲାୟା ଏଫ. ନାମରେ ପରିଚିତ। ୨୦୨୦ରେ ତାଙ୍କୁ ହିନ୍ଦୀ ସିନେମାରେ ବ୍ରେକ୍ ମିଳିଥିଲା। ଫିଲ୍ମଟି ଥିଲା 'ଜୱାନୀ ଜାନେମନ୍'। କମେଡିଭିତ୍ତିକ କାହାଣୀକୁ ନେଇ ଏହା ନିର୍ମିତ ହୋଇଥିଲା। ତାଙ୍କର ଏଇ ପ୍ରଥମ ସିନେମା ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। କାରଣ ଏହି ଫିଲ୍ମ ପାଇଁ ଅଲାୟାଙ୍କୁ ଫିଲ୍ମ ଫେୟାର ପୁରସ୍କାର (ଶ୍ରେଷ୍ଠ ନବାଗତ ଅଭିନେତ୍ରୀ) ମିଳିଥିଲା। ଏ ନେଇ ସେ କହନ୍ତି, 'ପ୍ରଥମ ସିନେମା ହିଁ ମୋତେ ଆକ୍ଟିଂକୁ କ୍ୟାରିୟର କରିବାକୁ ଅନୁପ୍ରାଣିତ କରିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଫିଲ୍ମ ପାଇଁ ମୋତେ ବେଷ୍ଟ ଆକ୍ଟ୍ରେସ ଆୱାର୍ଡ ମିଳିଥିଲା। ଅବଶ୍ୟ ୟା' ଭିତରେ ମୋତେ କେତୋଟି ହାତଗଣତି ସିନେମାରେ ଅଭିନୟ କରିବାର ସୁଯୋଗ ମିଳିଛି। ହେଲେ ନିଶ୍ଚୟ ଦିନେ ନା ଦିନେ ପ୍ରଯୋଜକଙ୍କର ଶୁଭ ଦୃଷ୍ଟି ମୋ ଉପରେ ପଡିବ। ଆଉ ସେ ପର୍ଯ୍ୟନ୍ତ ମୋତେ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡିବ।' ଏବେ ଅଲାୟାଙ୍କ ହାତରେ ଦୁଇଟି ସିନେମା- 'ୟୁ ଟର୍ନ'ଏବଂ 'ଶ୍ରୀ' ରହିଛି। ତେବେ ବଲିଉଡ୍‌ରେ ଅଲାୟା ନିଜ ଆଶାକୁ କେତେ ପୂରଣ କରିପାରୁଛନ୍ତି ତାହା ଆଗାମୀ ସମୟ ହିଁ କହିବ।

# ବୈଜ୍ଞାନିକ ହେବାର ସ୍ୱପ୍ନ ଥିଲା

କାର୍ତ୍ତିକ ଆର୍ଯ୍ୟନଙ୍କ ପ୍ରକୃତ ନାମ ଥିଲା କାର୍ତ୍ତିକ ଆର୍ଯ୍ୟନ ତିୱାରୀ। ବାୟୋଟେକ୍ନୋଲୋଜିରେ ଗ୍ରାଜୁଏଶନ ଡିଗ୍ରୀ ହାସଲ କରିଛନ୍ତି ସେ। ପାଠପଢ଼ା ପରେ ତାଙ୍କର ସ୍ୱପ୍ନ ଥିଲା ବୈଜ୍ଞାନିକ ହେବା। ହେଲେ ତାହା ସମ୍ଭବ ହୋଇପାରି ନ ଥିଲା। ତାଙ୍କୁ ଯେତେବେଳେ ମାତ୍ର ଚାରି ବର୍ଷ ହୋଇଥିଲା ସେତେବେଳର ଏକ ଘଟଣାକୁ ଏବେ ମଧ୍ୟ ସେ ମନେ ପକାନ୍ତି। ସେହି ସମୟରେ ସେ ଦିଲ୍ଲୀର କାରୋଲ୍ ବାଗ୍ ମାର୍କେଟରେ ହଜି ଯାଇଥିଲେ। ପ୍ରାୟ ଚାରି ଘଣ୍ଟା ପରେ ତାଙ୍କୁ ଠାବ କରାଯାଇଥିଲା। କାର୍ତ୍ତିକଙ୍କ ନାମ ସହ କେତେଜଣ ଅଭିନେତ୍ରୀଙ୍କ ନାମକୁ ଯୋଡାଯାଇଥାଏ। ସାରା ଅଲ୍ଲୀ ଖାଁ, ଅନନ୍ୟା ପାଣ୍ଡେ, ନୁସରତ ଭରୁଚାଙ୍କ ସହ ତାଙ୍କର ଆଫେୟାର୍ସ ତାଙ୍କୁ ଅନେକ ସମୟରେ ଆଲୋଚନାର କେନ୍ଦ୍ର ବିନ୍ଦୁ ସଜାଇଥିଲା। କାନାଡାର ଜଣେ ମଡେଲ ଡିମ୍ପଲ ଶର୍ମାଙ୍କ ସହ ତାଙ୍କର ଏବେ ଡେଟିଂ ଚାଲିଛି ବୋଲି ଆଲୋଚନା ହେଉଛି। 'ଆକାଶବାଣୀ' ଫିଲ୍ମରେ ଅଭିନୟ କରିବା ଲାଗି ତାଙ୍କୁ ଓଜନ ବଢ଼ାଇବାକୁ ପଡିଥିଲା। ଏଥିଲାଗି ସେ ପ୍ରତିଦିନ ପାଖାପାଖି ୨୫ଟି ଅଣ୍ଡା ଖାଉଥିଲେ। କେବଳ ଅଭିନୟ ନୁହେଁ, କା। ର୍ତ୍ତି କ ଜଣେ ଫୁଟବଲ ଏବଂ ଟେନିସ ଖେଳାଳି ମଧ୍ୟ।


କାର୍ତ୍ତିକ ଆର୍ଯ୍ୟନ


କ୍ୟାଟ୍ରିନା

# ଡ୍ୟାନ୍ସ ପ୍ରାକ୍ଟିସ୍‌ରେ ବ୍ୟସ୍ତ

କ୍ୟାଟ୍ରିନା କୈଫ ଏବେ ଗୋଟିଏ କାମରେ ନିଜକୁ ନିୟୋଜିତ ରଖୁଛନ୍ତି। ତାହା ହେଲା ଡ୍ୟାନ୍ସ ପ୍ରାକ୍ଟିସ। କଥା କ'ଣ କି ନିକଟରେ ସେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡିକ ମଧ୍ୟରୁ ଗୋଟିଏ ଗୀତ ତାଙ୍କୁ ବେଶୀ ଇମ୍ପ୍ରେଶ କରିଛି। ତେଣୁ ସେଥିରେ କିପରି ସେ ଭଲ ଭାବରେ ନାଚି ପାରିବେ ସେ ନେଇ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଏ ସମ୍ପର୍କରେ କ୍ୟାଟ୍ରିନା କହନ୍ତି, 'ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡିକ ମୋ ମନକୁ ଛୁଇଁ ପାରିଛି। ତେଣୁ ସେଗୁଡିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ଏହି ଅନଟାଇଟଲଡ୍ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।' କ୍ୟାଟ୍ରିନାଙ୍କ ହାତରେ ଏବେ ମାତ୍ର ଦୁଇଟି ସିନେମା-'ମେରୀ କ୍ରିସ୍‌ମସ୍' ଏବଂ 'ଟାଇଗର-୩' ରହିଛି। ତାଙ୍କ ଅଭିନୀତ ଶେଷ ଫିଲ୍ମ 'ଫୋନ୍ ଭୂତ' ବକ୍ସ ଅଫିସରେ ଆଶାନୁରୂପ ବିଜନେସ କରିଥିଲା। ତେବେ ସେ ସାଇନ୍ କରିଥିବା ନୂଆ ସିନେମାରେ କ୍ୟାଟ୍ରିନାଙ୍କ ଡ୍ୟାନ୍ସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବା ପାଇଁ କେବଳ ଫିଲ୍ମଟି ରିଲିଜ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।

# ସେହି ଦୁଇ ଘଣ୍ଟା

ଉର୍ବଶୀ ରୌଟେଲାଙ୍କୁ ନେଇ ଏବେ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି ? ନିକଟରେ ସେ ନିଜ ବ୍ୟକ୍ତିଗତ ଜୀବନ ବିଷୟରେ ବଖାଣୁ ବଖାଣୁ ଗମ୍ଭୀର ହୋଇଗଲେ। ପୁଣି ଏମିତି ଇମୋଶନାଲ ହୋଇପଡିଲେ ଯେ ମୁହଁରେ ହାତ ଦେଇ କାନ୍ଦି ପକାଇଲେ। ଏପରି ଘଟଣାକୁ ନେଇ ଉର୍ବଶୀ କହନ୍ତି, 'ମୋ ବ୍ୟକ୍ତିଗତ ଜୀବନରେ ଏପରି କିଛି ଘଟଣା ଅଛି ଯାହା ମୋ ମନକୁ ଏବେ ମଧ୍ୟ ଆନ୍ଦୋଳିତ କରିଥାଏ। ନିକଟରେ ମୋର କେତେଜଣ ସାଙ୍ଗଙ୍କ ସହ ମୁଁ କଫି ପବ୍‌ରେ ବସିଥିଲୁ। ସେଠାରେ ଆଲୋଚନା ସମୟରେ ମୁଁ ମୋ ଜୀବନର କେତୋଟି ସ୍ମରଣୀୟ ଘଟଣା ବିଷୟରେ କହିଥିଲି। ବାସ୍ ଗୋଟିଏ ଘଟଣା ବର୍ଣ୍ଣନା କରିବା ସମୟରେ ମୁଁ ଇମୋଶନାଲ ହୋଇପଡିଥିଲି। ପୁଣି ଏମିତି ଯେ ମୋ ଆଖିରେ ଲୁହ ଆସିଯାଇଥିଲା। ଏପରିକି ସେଠାରୁ ଫେରିବାର ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ମୁଁ ନିଜକୁ ସେହି ପରିସ୍ଥିତିରୁ ମୁକୁଳାଇ ପାରି ନ ଥିଲି।' ଉର୍ବଶୀଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ସିଂ ସାହବ ଦ ଗ୍ରେଟ୍'ରୁ। ତା'ପରେ ସେ 'ସନମ୍‌ରେ', 'ଗ୍ରେଟ ଗ୍ରାଣ୍ଡ ମସ୍ତି', 'ହେଟ୍ ଷ୍ଟୋରି-୪' ଏବଂ 'ପାଗଲପନ୍ତୀ' ପରି ହିନ୍ଦୀ ସିନେମାରେ ଅଭିନୟ କରିସାରିଛନ୍ତି।


ଉର୍ବଶୀ

## ପ୍ରଥମ ରୋଜଗାର



# ପାରିଶ୍ରମିକ ଟଙ୍କା ଠାକୁରଙ୍କୁ ଅର୍ପଣ କରାଯାଇଥିଲା

**ପ୍ରକାଶିକା ଓ ଶିକ୍ଷୟିତ୍ରୀ ମୃଣ୍ମୟୀ ପରିଡ଼ା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ଜୀବନର ଗତିପଥରେ କେତେ ଯେ ଘଟଣା ଘଟେ ତାହା ଅସୁମାରୀ, କିନ୍ତୁ କିଛି ଘଟଣା ମନ ଭିତରେ ଅପୂର୍ବ ଶିହରଣ ସୃଷ୍ଟି କରିଥାଏ। ଏଇ ଯେମିତି ପ୍ରଥମ ରୋଜଗାରର ଅନୁଭୂତି; ଯାହାକି ଏବେ ବି ଅଭୁଲା ହୋଇରହିଛି। ଘଟଣା ହେଲା ୧୯୭୨ ମସିହାର କଥା। ସେତେବେଳେ ମୁଁ ସେଣ୍ଟମେରୀ ଗାର୍ଲସ ସ୍କୁଲ, ସୁନ୍ଦରଗଡରେ ମାଟ୍ରିକ୍ ପଢୁଥାଏ। ମାଟ୍ରିକ୍ ଫାଇନାଲ୍ ପରୀକ୍ଷାରେ ଫାଷ୍ଟକ୍ଲାସ୍ ପାଇବାରୁ ସେବେ ମୋତେ ୧୦୦୦ ଟଙ୍କା ସ୍କଲାରଶିପ୍ ମିଳିଥିଲା ; ଯାହାକୁ ନେଇ ମୁଁ ମୋ ବାପାଙ୍କୁ ଦେଇଥିଲି। ବାପା ସେହି ଟଙ୍କାକୁ ଠାକୁରଙ୍କ ପାଖେ ରଖି ଦେଇଥିଲେ। ଠିକ୍ ଏହି ଘଟଣା ପୂନର୍ବାର ମୋ ସହିତ ଘଟିଲା ୧୯୮୪ ମସିହାରେ। ସେତେବେଳକୁ ମୋର ବାହାଘର ସରିଥାଏ। ୧୯୮୪ ମସିହା ମାର୍ଚ୍ଚ ୫ ତାରିଖରେ ରାଇକିଆସ୍ଥିତ ସେଣ୍ଟକାଥାରିନା ବାଳିକା ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ ଯୋଗ ଦେଲି। ସେ ଅନୁଭୂତି ବି ଅବର୍ଣ୍ଣନୀୟ। ଏପ୍ରିଲ ମାସ ୨/୩ ତାରିଖ ଦିନ କ୍ଲାସରେ ପଢାଉଥିଲା ବେଳେ ପିଅନ ଆସି ଅଫିସକୁ ଯିବାକୁ କହିଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଡକେଇ ପଠେଇଥିଲେ। ଟିକେ ଡର, ଟିକେ ଉତ୍ତେଜନା ପୂର୍ଣ୍ଣ ମନରେ ଯାଇଥିଲି। ସେ ଟିକେ ହସି ମୋର ଦରମା ୭୮୫ଟଙ୍କା ମୋ ହାତକୁ ବଢାଇ ଦେଲେ। ଟଙ୍କା ତ ଅନେକ ଦେଖିଥିଲି ଆଉ ହାତରେ ବି ଧରିଥିଲି, କିନ୍ତୁ ଏହି ଦରମା ଟଙ୍କାର ମହତ୍ତ୍ୱ କିଛି ଭିନ୍ନ ଥିଲା ମୋ ପାଇଁ। ଖୁବ୍ ଖୁସି ଥିଲି। ଘରକୁ ଆସି ସ୍ୱାମୀକୁ ସେ ଟଙ୍କା ଦେବାରୁ ; ସେ ବି ମୋ ବାପାଙ୍କ ପରି ଟଙ୍କାକୁ ନେଇ ଠାକୁରଙ୍କ ପାଖେ ରଖିଦେଲେ। ଅବଶ୍ୟ ପରେ ଆମେ ସେହି ଟଙ୍କା ଆଣି ଖର୍ଚ୍ଚ କରିଥିଲୁ କିନ୍ତୁ କେମିତି ଖର୍ଚ୍ଚ କଲୁ ତାହା ଏବେ ଆଉ ସ୍ପଷ୍ଟ ମନେପଡୁନି। କିନ୍ତୁ ଏତିକି ଖୁସି ଲାଗୁଛି ଯେ, ମୋର ପାରିଶ୍ରମିକ ଉପରେ ଭଗବାନଙ୍କର ଆଶୀର୍ବାଦ ସବୁବେଳେ ରହି ଆସିଛି। ଯେଉଁଥିପାଇଁ ଚାକିରୀ କ୍ଷେତ୍ରରେ ଖୁବ୍ ଉନ୍ନତି କରିବା ସହ ଶିକ୍ଷାର୍ଥୀଙ୍କର ଅନେକ ଭଲ ପାଇବା ଓ ସମ୍ମାନ ପାଇଛି ; ଯାହାକି ସବୁଠୁ ଅଧିକ ମୂଲ୍ୟବାନ। ତେବେ କେବଳ ଶିକ୍ଷୟିତ୍ରୀ ନୁହେଁ ମୁଁ ଉକ୍ତ ବିଦ୍ୟାଳୟର ଏନ୍‌ସିସି ଅଫିସର୍ ଭାବେ ବି ବେଶ୍ କିଛି ଦିନ ଦାୟିତ୍ୱ ତୁଲାଇଥିଲି। ଶେଷରେ ୨୦୧୬ ମେ' ମାସରେ ଚାକିରିରୁ ଅବସର ନେଲି। ନିଜ ଜୀବନର ଅନେକ ଅନୁଭୂତିକୁ ନେଇ ମୁଁ ବେଳେବେଳେ ଫେସ୍‌ବୁକ୍‌ରେ ମୋ ଲେଖା ପୋଷ୍ଟ କରିଥାଏ ; ଯାହାକୁ ପଢି ଅନେକେ ସୁନ୍ଦର ସୁନ୍ଦର ରିପ୍ଲାଏ ଦେଇଥାନ୍ତି ; ଯାହା ମୋତେ ଖୁବ୍ ଆନନ୍ଦ ଦେଇଥାଏ। ଏବେ ପ୍ରକାଶିକା ଭାବେ ଆଉ ଏକ ପରିଚୟ ମୋର ସୃଷ୍ଟି ହୋଇଛି। ଏଥିରେ ମୋ ସ୍ୱାମୀ କାବ୍ୟ ସାରଥି ପବନି ଜେନାଙ୍କର ୨୭ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି।

# ମଉନାବତୀର ଲାଜୁଆ ହସ, ତହିଁରେ ରହିଛି ପ୍ରେମର ଫାଶ

**ପ୍ରଶ୍ନ**-ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଏହି ସମୟରେ ପ୍ରେମ ଷ୍ଟାର୍ଟ କରିବା ଠିକ୍ ହେବ କି ?

*-ତନ୍ମୟ ବାରିକ, ଅନୁଗୋଳ*

**ଉତ୍ତର:** ସେହି ଝିଅ ଆପଣଙ୍କୁ ଲାଜେଇ ଲାଜେଇ ଚାହୁଁଛି। ଆଉ ଆପଣ ତାକୁ ନେଇ ଭାବନା ରାଇଜରେ ହଜି ଯାଇଛନ୍ତି। ପୁଣି ତାକୁ ପ୍ରେମ କରିବା ଠିକ୍ ହେବ କି ନାହିଁ ବୋଲି ବିଶ୍ଳେଷଣ କରୁଛନ୍ତି। ସୁନ୍ଦରୀର ଲାଜୁଆ ଚାହାଣୀରେ ଅନେକ କଥା ଲୁଚି ରହିଥାଏ। ବାସ୍, ତାକୁ ଥଣ୍ଡା ମିଜାସରେ ପଢ଼ି ପାରିଲେ ହେଲା। 'ମଉନାବତୀର ଲାଜୁଆ ହସ, ତହିଁରେ ରହିଛି ପ୍ରେମର ଫାଶ'। ଡେରି କଲେ ହୁଏତ ଚାନ୍ସଟା ହାତରୁ ଖସିଯାଇପାରେ। ତେଣୁ ଯେତେ ଶୀଘ୍ର କିଛି ବ୍ୟବସ୍ଥା କଲେ ଆପଣଙ୍କ ପ୍ରେମ ମିଶନର ମୁଣ୍ଡି ମରାଯାଇପାରିବ।

**ପ୍ରଶ୍ନ**-ଥରେ ଜଣେ ଝିଅ ସହ ମୋର ଭେଟ ହେଲା। କିଛି ଦିନ ଭିତରେ ମୁଁ ତା' ପ୍ରେମରେ ପଡିଗଲି। ଏବେ ଜାଣିଲା ବେଳକୁ ସେ ମୋଠାରୁ ବୟସରେ ବଡ। ବର୍ତ୍ତମାନ ମୁଁ କ'ଣ କରିବି ?

*-ସୁଜିତ ସାହୁ, ପାରାଦୀପ, ଜଗତସିଂହପୁର*

**ଉତ୍ତର:** ଯଦି ଦୁଇ ପଟରୁ ଲଭ୍ ସାଇରନ ବାଜିଛି ତେବେ ଏହି ଗାଡି ଆଗକୁ ଗଡିବା ଥୟ। କାରଣ ଏହି ନିଶା ଥରେ ମୁଣ୍ଡକୁ ଚଢ଼ିଗଲେ ତାହା ସହଜରେ ଉତୁରି ନ ଥାଏ। ଏବେ ଜାଣିପାରିନ୍ତି ଯେ ଆପଣଙ୍କ ପ୍ରେମିକାର ବୟସ ଆପଣଙ୍କଠାରୁ ବଡ। ତେଣୁ ଏହି ସମୟରେ ଯଦି ଦୁହେଁ ରାଜି ତେବେ ଆଗକୁ ବଢ଼ିଲେ ହୁଏତ କିଛି କ୍ଷତି ନାହିଁ। ନ ହେଲେ ଏହି ଅଧିକ ବୟସର ଭୂତ ସେମିତି ମୁଣ୍ଡରେ ସବାର ଥିବ। ଦୁହିଁଙ୍କ ଭିତରେ ଆଲୋଚନା କରି ଏହାକୁ ସମାଧାନ କରିପାରନ୍ତି।

**ପ୍ରଶ୍ନ**-ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। କ'ଣ କରିବି ?

*-ଅନିକେତ , ବଡବିଲ, କେନ୍ଦୁଝର*

**ଉତ୍ତର:** ଆପଣଙ୍କ ପ୍ରେମ ବୋଧହୁଏ ହସରେ ରହିଯାଇଛି। ତେଣୁ ଯଦି ସେହି ହସରେ ଅସଲ ପ୍ରେମର ଝଲକ୍ ରହିଛି ତେବେ ଆଗକୁ ଆଗନ୍ତୁ। ଆପଣଙ୍କ କଥା ଶୁଣି ଯଦି ସେ ସବୁବେଳେ ହସୁଛି, ତେବେ ସେହି ହସକୁ ଭଲ ଭାବରେ ତର୍ଜମା କରନ୍ତୁ। ନ ହେଲେ ସେମିତି ସେହି ସୁନ୍ଦରୀ ପଛରେ ଗୋଡାଇଲେ ତାହା ମରିଚିକା ପଛରେ ଗୋଡାଇବା ପରି ହେବ।

**ପ୍ରଶ୍ନ**-ମୋ ପ୍ରେମିକା ମୋତେ ଧୋକା ଦେଇ ଚାଲି ଗଲା। ତାକୁ ମୁଁ ଭୁଲି ପାରୁନି। ମୁଁ ଯଦି ପୁଣି ଥରେ ମୋ ନୂଆ ପ୍ରେମ ଆରମ୍ଭ କରେ ତାହା ଠିକ୍ ହେବ ତ ?

-ଉମେଶ, ବାଲେଶ୍ୱର

**ଉତ୍ତର:** ପ୍ରେମରେ ଧୋକା ଖାଇବା ପରେ ତାହାକୁ ମନେ ରଖିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ଯଦି ସେ ପ୍ରେମିକା ଆପଣଙ୍କ ହାତକୁ ଅଧା ବାଟରେ ଛାଡି ଚାଲିଗଲା ତେବେ ତାକୁ ନେଇ ଆପଣ ଏତେ ଚିନ୍ତା କରିବାର କ'ଣ ଅଛି। ପ୍ରଥମେ ସେପରି ପ୍ରେମିକାକୁ ମନରୁ ପୋଛି ଦିଅନ୍ତୁ। କାରଣ ସେହି ପ୍ରେମକୁ ଯେତେ ମନେ ପକାଇବେ ତାହା ଆପଣଙ୍କ ମନକୁ ସେତେ ଆଘାତ ଦେବ। ଯଦି ନୂଆ ପ୍ରେମ ଆରମ୍ଭ କରିବାକୁ ମାଇଣ୍ଡ ମେକଅପ କରିଛନ୍ତି ତେବେ ପ୍ରଥମେ ତାହାର ମୁଳୁଦୁଆ ଦୃଢ଼ କରନ୍ତୁ। ନୂଆ ପ୍ରେମିକା ଯେମିତି ଅଧା ବାଟରେ ଧୋକା ଦେଇ ଚାଲି ନ ଯାଏ ତାହାର ବ୍ୟବସ୍ଥା ଆରମ୍ଭରୁ କରିନିଅନ୍ତୁ। ନ ହେଲେ ଏମିତି ପ୍ରେମରେ ଧୋକା ଖାଇ ଖାଇ ଆପଣ ଚିନ୍ତାର ଦୁନିଆର ଜଣେ ପରମାନେଣ୍ଟ ଯାତ୍ରୀ ହୋଇଯିବେ।

**ପ୍ରଶ୍ନ**-ପ୍ରେମ ନିଶା କ'ଣ ସତରେ ଗାଢ଼ ? ଏକଥା କେମିତି ଜାଣିବି ?


*-ବିଜୟ କୁମାର, କଟକ*

**ଉତ୍ତର:** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। କଥାରେ ପରା ଅଛି-ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। ତେଣୁ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କି ଏକତରଫା କରୁଥାଆନ୍ତି ତେବେ ତାହାର ସ୍ୱାଦ ସବୁବେଳେ ପାଣିଚିଆ। ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

ସାଥୀ



# ଆଗ ଗଛ ଘର ପଛ



ଧୀରେ ଧୀରେ
ଜଙ୍ଗଲର ସ୍ଥାନ ନେଲାଣି
କଂକ୍ରିଟ ଜଙ୍ଗଲ। ବିକାଶ
ନାଁରେ ବଳି ପଡିଯାଉଛନ୍ତି
ଲକ୍ଷ ଲକ୍ଷ ଗଛ। ନା ଡହଡହ
ଖରାରୁ ବଞ୍ଚିବା ପାଇଁ ଛାଇ
ମିଳୁଛି, ନା କୁନି କୁନି ଚଢେଇଙ୍କୁ
ବସା ବାନ୍ଧିବାକୁ ଶାଖାଟିଏ।
ବିଗିଡିବାକୁ ଲାଗିଛି ପରିବେଶ
ସନ୍ତୁଳନ। ଏମିତିରେ କିଛି
ଲୋକ ବି ଅଛନ୍ତି ଯେଉଁମାନଙ୍କୁ
ପରିବେଶ ଚିନ୍ତା ଶୁଆଇ
ଦେଉନି। ତେଣୁ ସ୍ୱପ୍ନର ଘର
ତୋଳିବା ସମୟରେ ବି ନିଜ
ଜାଗାରେ ଥିବା ଗଛକୁ ନ କାଟି
କିଏ ତା'ରି ଚାରିପଟେ ଘର
ତୋଳିଛନ୍ତି ତ କିଏ ଗଛରେ
କରିଛନ୍ତି
ସୁନ୍ଦର ଟ୍ରି ହାଉସ୍...

**ଓସ୍ତଗଛ ଚାରିପଟେ ଘର:** ମଧ୍ୟପ୍ରଦେଶର ଜବଲପୁରରେ ରୁହନ୍ତି କେଶରୱାନୀ ପରିବାର। ପରିବାରର ସଦସ୍ୟ ସଂଖ୍ୟା ବଢିବା ସହ ସେମାନେ ତାଙ୍କ ପୈତୃକ ଘରକୁ ବଢାଇବାକୁ ଚାହୁଁଥିଲେ। ହେଲେ ଏଥିରେ ବାଧକ ସାଜିଥିଲା ଏକ ବହୁ ପୁରୁଣା ତଥା ବିରାଟକାୟ ଓସ୍ତ ଗଛ। କିନ୍ତୁ ସେମାନେ ଏହି ଗଛକୁ କାଟିବାକୁ ଚାହୁଁ ନ ଥିଲେ। ଶେଷରେ ନିଷ୍ପତ୍ତି ନେଲେ ଗଛ ବି ରହିବ, ତା'ସହ ଘର ବି ତୋଳାଯିବ। ଗଛ ଚାରିପଟେ ହେବ ଘର। ତେବେ ଏହା କେମିତି ସମ୍ଭବ ହେବ ସେ ନେଇ ଇଞ୍ଜିନିୟରଙ୍କ ସହ ଯୋଗାଯୋଗ କଲେ। ଜନୈକ ଇଞ୍ଜିନିୟର ସାଙ୍ଗଙ୍କ ପ୍ଲାନିଂ ଅନୁସାରେ ୧୫୦ ବର୍ଷର ଗଛ ଚାରିପଟେ ୧୯୯୪ରେ ଘର ତୋଳା ହେଲା। କେଶରୱାନୀ ପରିବାରର ଯୋଗେଶ କହନ୍ତି, 'ମୋ ବାପା ପ୍ରକୃତି ପ୍ରେମୀ। ସେ ଚାହୁଁ ନ ଥିଲେ ଏତେ ବର୍ଷ ପୁରୁଣା ଗଛକୁ କାଟିବା ପାଇଁ। ତାଙ୍କ ମତରେ ଗଛ କାଟିବା ସହଜ, ହେଲେ ଗଛକୁ ବଢାଇ ଏତେ ବଡ କରିବା କଷ୍ଟ। ତା'ଛଡା ଆମେ ସମସ୍ତେ ଈଶ୍ୱର ବିଶ୍ୱାସୀ ମଧ୍ୟ। ହିନ୍ଦୁଧର୍ମରେ ବିଶ୍ୱାସ କରାଯାଏ ଯେ, ୩୫ କୋଟି ଦେବୀ ଦେବତା ଓସ୍ତ ଗଛରେ ବାସ କରନ୍ତି। ଭାଗବତ ଗୀତାରେ ବି ଏହି ଗଛ ସମ୍ପର୍କରେ ଉଲ୍ଲେଖ ରହିଛି। ତେଣୁ ଆମେ ଏହି ଗଛଟିକୁ ନ କାଟି ତା' ଚାରିପଟେ ଘର ତିଆରି କଲୁ। ଏବେ ମୋ ସ୍ତ୍ରୀ ବାହାରକୁ ନ ଯାଇ ଘର ଭିତରେ ଓସ୍ତଗଛକୁ ପୂଜା କରିପାରୁଛନ୍ତି। ଘର ଭିତର ଦେଇ ଯାଇଥିବା ଗଛର ଶାଖା ପାଇଁ ଆମେ କେବେ କିଛି ଅସୁବିଧାର ସମ୍ମୁଖୀନ ହୋଇ ନାହୁଁ। ବରଂ ଆମର ଏହି ଚାରି ମହଲା ଘର ଜବଲପୁରର ଏକ ପରିଚିୟ ପାଲଟି ଯାଇଛି। ଏହି ଘର ଦେଇ ଯାଉଥିବା ଲୋକେ ଘଡିଏ ରହିଯାଇ ଘରର ଝରକା ଦେଇ ବାହାରିଥିବା ଓସ୍ତଗଛର ଶାଖାକୁ ଦେଖନ୍ତି।



**ଆମ୍ବ ଗଛ ଉପରେ ତିନି ମହଲା ଘର:** ଜବଲପୁରର ଏହି ଘର ପରି ଆଉ ଏକ ଘର ଉଦୟପୁରରେ ବି ଅଛି। ଏଠାକାର ବ୍ୟବସାୟୀ କୁଲ ପ୍ରଦୀପ ସିଂ ନିଜର ତିନି ମହଲାବିଶିଷ୍ଟ ଘର ଏକ ୪୦ ଫୁଟ ଉଚ୍ଚ ଆମ୍ବ ଗଛ ଉପରେ କରିଛନ୍ତି। ଅର୍ଥାତ୍ ଏହା ଏକ ଟ୍ରିହାଉସ୍। ଉକ୍ତ ଘରଟି ଯେଉଁଠି ଅଛି ସେହି ଅଞ୍ଚଳ ଫଳଗଛ ପାଇଁ ଦିନେ ପରିଚିତ ଥିଲା। ୪୦୦୦ରୁ ଊର୍ଦ୍ଧ୍ୱ ଫଳ ଗଛରୁ ଲୋକେ ଫଳ ତୋଳି ବିକ୍ରି କରି ଜୀବନଯାପନ କରୁଥିଲେ। କିନ୍ତୁ ଲୋକସଂଖ୍ୟା ବୃଦ୍ଧି ହେବା ସହ ଗଛ କଟା ଆରମ୍ଭ ହେଲା। ୧୯୯୯ରେ କୁଲ ପ୍ରଦୀପ ଏହି ଅଞ୍ଚଳରେ ଏକ ଜାଗା ଖୋଜିଥିଲେ ନିଜର ଏକ ଘର ତୋଳିବା ପାଇଁ। ହେଲେ ସେ ଚାହୁଁଥିଲେ କୌଣସି ଗଛକୁ ନ କାଟି ଘର କରିବେ। ଯେତେବେଳେ ସେ ପ୍ରପର୍ଟି ଡିଲରକୁ କହିଥିଲେ ଗଛ ନ କାଟି ବରଂ ତାକୁ ମୂଳରୁ ବାହାର କରି ଅନ୍ୟତ୍ର ପୋତିବା ପାଇଁ ସେ ରାଜି ହୋଇ ନ ଥିଲେ। ତେଣୁ ସେ ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ନେଲେ। ଆଉ ନିଜ ଜାଗା ମଝିରେ ଥିବା ଆମ୍ବ ଗଛ ଉପରେ ଘର କରିବାକୁ ନିଷ୍ପତ୍ତି ନେଲେ। ଅଳ୍ପ କିଛି ବର୍ଷ ଭିତରେ ଜଣେ ଆର୍କିଟେକ୍ଟଙ୍କ ସହାୟତାରେ ଏକ ଦୁଇ ମହଲାର ଘର ତିଆରି କଲେ। ଘରଟି ଭୂମିଠାରୁ ୯ ଫୁଟ ଉଚ୍ଚତାରେ ତିଆରି ହେଲା, ଯାହା ଗଛର ଗଣ୍ଡି ସହାୟତାରେ ଠିଆ ହୋଇଛି। ଏହାର ଢାଞ୍ଚା ଷ୍ଟିଲରେ, କାନ୍ଥ ଓ ଚଟାଣ ସେଲ୍ୟୁଲୋଜ ସିଟ୍ ଓ ଫାଇବର୍‌ରେ ତିଆରି ହେଲା। ଗଛ ଚାରିପଟେ ଚାରୋଟି ପିଲାର ଅଛି, ଯାହା ବିଜୁଳି ମାରିବାବେଳେ ଇଲେକ୍ଟ୍ରିକ୍ କଣ୍ଡକ୍ଟରର କାମ କରିଥାଏ। ଘର ତିଆରି ପାଇଁ ଆମ୍ବ ଗଛର ଗୋଟିଏ ବି ଶାଖା କଟାଯାଇ ନାହିଁ। ଗଛର ଶାଖା କିଚେନ ଓ ବେଡରୁମ୍‌ରେ ରହିଛି। ଗଛ ବଢିବା ସହ ଘରର ସାଜସଜ୍ଜା ଓ ଜିନିଷର ସ୍ଥାନରେ ବି



ପରିବର୍ତ୍ତନ କରାଯାଇଥାଏ। ଗଛରେ ରହୁଥିବା ଚଢେଇ ଓ ଛୋଟ ଛୋଟ ପ୍ରାଣୀ ଏବେ ଏହି ଘରର ସଦସ୍ୟ ପାଲଟିଛନ୍ତି। ଘର ତିଆରି ବେଳେ ଗଛର ଉଚ୍ଚତା ୨୦ ଫୁଟ ଥିଲା, ଯାହା ଏବେ ୪୦ ଫୁଟ୍‌ରେ ପହଞ୍ଚିଲାଣି। ତେଣୁ ସେ ପ୍ରଥମେ ତୋଳିଥିବା ଦୁଇ ମହଲା ଘରେ ଆଉ ଏକ ମହଲା ତିଆରି କରିଛନ୍ତି। ପ୍ରଥମ ଫ୍ଲୋରରେ କିଚେନ, ବାଥରୁମ ଓ ଡାଇନିଂ ହଲ ଥିବାବେଳେ ସେକେଣ୍ଡ ଫ୍ଲୋରରେ ୱାଶ୍‌ରୁମ୍, ଲାଇବ୍ରେରୀ ଓ ବେଡରୁମ୍ ଅଛି। ଆଉ ତୃତୀୟ ମହଲାରେ କେବଳ ଗୋଟିଏ ରୁମ୍ ଅଛି, ଯାହାର ଛାତକୁ ଖୋଲାଯାଇ ଗଛର ସୁନ୍ଦର ଶାଖାପ୍ରଶାଖାର ଦୃଶ୍ୟକୁ ଦେଖି ହେବ। ଉକ୍ତ ଘରଟି ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛି।











ପ୍ରୀତି

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ-କୁମାର ଶରତ, ଧରିତ୍ରୀ**

# ହାଃ ହାଃ

## ପର୍ସ

ଗର୍ଲଫ୍ରେଣ୍ଡ ବୟଫ୍ରେଣ୍ଡ ଏକ ମଲ୍‌କୁ ଯାଇଥାନ୍ତି ଶପିଂ କରିବାକୁ।
ଗର୍ଲଫ୍ରେଣ୍ଡ: ମତେ ଏଇ ଡ୍ରେସ୍‌ଟା ଭାରି ଭଲ ଲାଗୁଛି। ହେଲେ ମୁଁ ପର୍ସ ତ ଘରେ ଛାଡି ଦେଇଛି। କେମିତି କିଣିବି ?
ବୟଫ୍ରେଣ୍ଡ: ଏତେ ଛୋଟ କଥା ପାଇଁ କାହିଁକି ଟେନ୍‌ସନ୍ ହଉଛ ? ଏଇ ନିଅ ୨୦ଟଙ୍କା। ଅଟୋରେ ଯାଇ ପର୍ସ ନେଇ ଆସ।

## ଗ୍ରହ ଦଶା

ପଣ୍ଡିତ ମଣ୍ଟୁକୁ: ତମର ଗ୍ରହ ଦଶା ଖରାପ ଅଛି।
ମଣ୍ଟୁ: ତା'ହେଲେ କ'ଣ କରିବି ?
ପଣ୍ଡିତ: ପ୍ରତିଦିନ ସକାଳେ ଏକ କୁକୁରକୁ ରୁଟି ଓ କ୍ଷୀର ଦେବ।
ମଣ୍ଟୁ ହଷ୍ଟେଲକୁ ଯାଇ ତା' ସାଙ୍ଗକୁ: ଶୁଣ୍, କାଲିଠାରୁ ତୋର ସକାଳ ଖାଇବା ମୁଁ ମୋ ତରଫରୁ ଦେବି, ହେଲା।

## ଘୋଡା

ସ୍ୱାମୀ ସ୍ତ୍ରୀକୁ: କହିଲ ଦେଖି ବାହାଘର ଦିନ ବର ଗଧ ଉପରେ ନ ବସି ଘୋଡା ଉପରେ କାହିଁକି ବସିକି ଯାଏ ?
ସ୍ତ୍ରୀ: କାହିଁକି ନା, ଏକାସାଙ୍ଗରେ ଦୁଇଟି ଗଧ ଦେଖିଥିଲେ କନିଆ ବେହୋଶ ହେଇଯାଇଥାନ୍ତା।



## ଐତିହାସିକ କ୍ଷେତ୍ର

# ଆଭାନେରୀ

**ଆଭାନେରୀ ରାଜସ୍ଥାନର ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ, ଯାହାର ଐତିହାସିକ ମହତ୍ତ୍ୱ ବେଶ୍ ମନୋରମ। ତା'ସହିତ କଳା, ସଂସ୍କୃତି କ୍ଷେତ୍ରରେ ବି ଏହି ସ୍ଥାନର ରହିଛି ବେଶ୍ ଖ୍ୟାତି...**




ରାଜସ୍ଥାନର ଦୌସା ଜିଲା ଅନ୍ତର୍ଗତ ଏକ ମନୋରମ ପର୍ଯ୍ୟଟନସ୍ଥଳୀ ହେଉଛି ଆଭାନେରୀ। ଆକୃତି ଦୃଷ୍ଟିରୁ ଛୋଟ ହୋଇଥିଲେ ବି ଏହା ନିଜର ଅପୂର୍ବ ଐତିହାସିକ କୀର୍ତ୍ତିରାଜି ତଥା କଳା, ସଂସ୍କୃତି ପାଇଁ ଦେଶବିଦେଶରେ ବେଶ୍ ନାଁ କରିପାରିଛି। ତା'ଛଡ଼ା ଏକାଧିକ ପାହାଚ ବିଶିଷ୍ଟ ଆକର୍ଷଣୀୟ ଚାନ୍ଦ ବାଓରୀ କୂଅ ଏବଂ ହର୍ଷତ ମାତା ମନ୍ଦିର ହେଉଛି ଏଠାକାର ଦୁଇ ପ୍ରମୁଖ ଆକର୍ଷଣ। ସେଥିପାଇଁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ।

### ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଏହି ସ୍ଥାନଟି ପ୍ରଥମେ 'ଆଭା ନଗରୀ' ନାଁରେ ପରିଚିତ ଥିଲା। କିନ୍ତୁ ସମୟକ୍ରମେ ଲୋକଙ୍କ ଦ୍ୱାରା ଭୁଲ୍ ଉଚ୍ଚାରଣ ହୋଇ ଏହା ଆଭାନେରୀ ନାମରେ ପରିଚିତ ହେବାକୁ ଲାଗିଲା। ତେବେ ଏହି ଅଞ୍ଚଳଟି ମୁସଲମାନ ତଥା ମୋଗଲଙ୍କ ଅକ୍ତିଆରରେ ବେଶ୍ କିଛିବର୍ଷ ରହିବା ପରେ ମରାଠାମାନଙ୍କ ହାତକୁ ଆସିଥିଲା ; ଯଦ୍ୱାରା ଏହାର ପ୍ରସିଦ୍ଧି କ୍ରମେ ବଢିବାକୁ ଲାଗିଥିଲା। ଆକାର ଦୃଷ୍ଟିରୁ ଦେଖିଲେ ଆଭାନେରୀ ଏକ ଛୋଟିଆ ଅଞ୍ଚଳ ହୋଇପାରେ, କିନ୍ତୁ ଏହା ନିଜର ଗୌରବଶାଳୀ ଅତୀତ ତଥା ସଂସ୍କୃତି ପାଇଁ ଦେଶବିଦେଶର ପର୍ଯ୍ୟଟକଙ୍କୁ ନିଜ ଆଡକୁ ଆକର୍ଷିତ କରିଥାଏ।

### କ'ଣ ଦେଖିବେ

ଆଭାନେରୀର ପର୍ଯ୍ୟଟନ କଥା ଉଠିଲେ, ପ୍ରଥମେ ଆଖି ଆଗକୁ ଆସେ ଚାନ୍ଦ୍ ବାଓରୀର କଥା। ତା'ସହିତ ହର୍ଷତ ମାତା ମନ୍ଦିର ବି ଏଠାକାର ଅନ୍ୟତମ ଆକର୍ଷଣ।

**✲ ଚାନ୍ଦ୍ ବାଓରୀ:** ପ୍ରକୃତପକ୍ଷେ ଏହା ଏକାଧିକ ପାହାଚ ବିଶିଷ୍ଟ ଏକ ଆକର୍ଷଣୀୟ କୂଅ । ଇତିହାସରୁ ଯାହା ଜଣାଯାଏ, ଏହାକୁ ରାଜା ମିହିର ଭୋଜ (ଯିଏକି ଚାନ୍ଦ ନାମରେ ମଧ୍ୟ ପରିଚିତ) ନିର୍ମାଣ କରାଇଥିଲେ ; ସେଥିପାଇଁ ଏହାର ନାମ ଚାନ୍ଦ ବାଓରୀ ରଖାଯାଇଛି। ସାଧାରଣତଃ ବର୍ଷାଜଳକୁ ସଞ୍ଚୟ କରି ରଖି ତାକୁ ଖରାଦିନେ ବ୍ୟବହାର କରିବା ପାଇଁ ଏହି କୂଅଟିକୁ ନିର୍ମାଣ କରାଯାଇଥିଲା। ତେବେ ଦୁନିଆର ସବୁଠାରୁ ଗଭୀରତମ କୂଅ ଭାବେ ଏହା ଜଣାଶୁଣା। ଆଉ ଏହି କୂଅର ଉପରି ଭାଗରୁ ତଳପର୍ଯ୍ୟନ୍ତ ସ୍ତର ସ୍ତର ହୋଇ ଅନେକ ପାହାଚ ରହିଛି ; ଯଦ୍ୱାରା ଉକ୍ତ କୂଅରେ ଯେତେ କମ୍ ପାଣି ଥିଲେ ବି ଜଣେ ଏହି ପାହାଚ ସାହାଯ୍ୟରେ ଆରାମରେ ତଳକୁ ଯାଇ ପାଣି ଆଣିପାରିବେ। କେବଳ ସେତିକି ନୁହେଁ ଏହି କୂଅର ଆଉ ଏକ ବିଶେଷତ୍ୱ ହେଉଛି ଏଥିରେ ନିର୍ମାଣ କରାଯାଇଥିବା ସୁଡ଼ଙ୍ଗ। ଅର୍ଥାତ୍ ଏହି କୂଅରେ ଗୁପ୍ତ ଭାବେ କେତୋଟି ସୁଡ଼ଙ୍ଗ ମଧ୍ୟ ରହିଛି, ଯାହାକୁ ଯୁଦ୍ଧ ତଥା ଆପତକାଳୀନ ପରିସ୍ଥିତିରେ ରାଜା ତଥା ସୈନ୍ୟମାନେ ସୁରକ୍ଷା ପାଇଁ ବ୍ୟବହାର କରୁଥିଲେ। ତେଣୁ ଏହିଥିରୁ ଅନୁମାନ କରିପାରୁଥିବେ, ଚାନ୍ଦ୍ ବାଓରୀର ବାସ୍ତୁକଳା କେତେ ସ୍ୱତନ୍ତ୍ର ଆଉ ଆକର୍ଷଣୀୟ।



**✲ ହର୍ଷତ ମାତା ମନ୍ଦିର:** ଏହା ସ୍ଥାନୀୟ ଏକ ପ୍ରାଚୀନ ମନ୍ଦିର ; ଯାହା ମା' ହର୍ଷତଙ୍କୁ ସମର୍ପିତ। କିନ୍ତୁ ଅନେକେ ଏହାକୁ ଖୁସି ତଥା ଉଲ୍ଲାସର ଉତ୍ସ ସ୍ଥଳୀ ବୋଲି ବି କହିଥାନ୍ତି। ଏହାର ନିର୍ମାଣ ମଧ୍ୟ ରାଜା ମିହିର ଭୋଜ ବା ରାଜା ଚାନ୍ଦ କରାଇଥିଲେ। ତାଙ୍କ ନଗରରେ ଓ ନଗରବାସୀଙ୍କ ଭିତରେ ଯେଉଁ ଖୁସି ଆଉ ଶାନ୍ତି ରହିଥିଲା ତାହା ମାତାଙ୍କ କୃପାରୁ ସମ୍ଭବ ହୋଇପାରିଥିଲା ବୋଲି ସିଏ ବିଶ୍ୱାସ କରୁଥିଲେ। ସେଥିପାଇଁ ସିଏ ମାତାଙ୍କୁ ସମର୍ପିତ ଏହି ଭବ୍ୟ ମନ୍ଦିରଟିକୁ ନିର୍ମାଣ କରାଇଥିଲେ।


### ଲୋକନୃତ୍ୟର ଝଲକ

କଳା, ସଂସ୍କୃତି କ୍ଷେତ୍ରରେ ବି ଆଭାନେରୀ ବେଶ୍ ପରିଚିତ। ଖାସ୍‌କରି ପର୍ଯ୍ୟଟକ ଏଠାରେ ବିଭିନ୍ନ ପ୍ରକାରର ରାଜସ୍ଥାନୀ ଲୋକନୃତ୍ୟର ଝଲକ ଦେଖିବାକୁ ପାଇପାରିବେ।



### କେବେ ଓ କେମିତି ଯିବେ

ଏଠାକୁ ବୁଲି ଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ ହେଉଛି ଅକ୍ଟୋବରରୁ ମାର୍ଚ୍ଚ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବା ନିମନ୍ତେ ବେଶ୍ ଅନୁକୂଳ ରହିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ସୁବ୍ୟବସ୍ଥା ରହିଛି। ରାଜସ୍ଥାନର ରାଜଧାନୀ ଜୟପୁରଠାରୁ ମାତ୍ର ୯୫ କି.ମି. ଦୂରରେ ଅବସ୍ଥିତ ଆଭାନେରୀ। ତେଣୁ ପର୍ଯ୍ୟଟକ ଚାହିଁଲେ ପ୍ରଥମେ ବସ୍, ଟ୍ରେନ୍ କିମ୍ବା ବିମାନ ଯୋଗେ ଜୟପୁରରେ ପହଞ୍ଚି, ସେଠାରୁ ସୁବିଧାରେ ଯାଇ ଆଭାନେରୀରେ ପହଞ୍ଚିପାରିବେ।



# ଚୁଡି

ନାରୀର ପ୍ରିୟ ଆଭୂଷଣ ଭିତରେ ଚୁଡି ଅନ୍ୟତମ। ଗୋଲାକାରର ଏଇ ଚୁଡି ଯେ କେବଳ ନାରୀ ହାତର ଶୋଭା ବଢାଏ ତାହା ନୁହେଁ ହିନ୍ଦୁଧର୍ମରେ ବି ଏହାର ସ୍ଥାନ ବେଶ୍ ମହତ୍ୱପୂର୍ଣ୍ଣ...





ନାରୀର ପ୍ରିୟ ଓ ଗୁରୁତ୍ୱପୂର୍ଣ୍ଣ ଆଭୂଷଣ ଭିତରେ ଚୁଡି ଅନ୍ୟତମ। ଗୋଲାକାରର ଏଇ ଚୁଡି ନାରୀର ହାତକୁ ବେଶ୍ ଆକର୍ଷକ କରିଥାଏ। ଏହାକୁ ବିବାହିତା ମହିଳାଙ୍କର ଏକ ପବିତ୍ର ଚିହ୍ନ ଭାବେ ମଧ୍ୟ ଗ୍ରହଣ କରାଯାଇଛି। ହିନ୍ଦୁଧର୍ମରେ ତ ଏହାର ସ୍ଥାନ ବେଶ୍ ମହତ୍ୱପୂର୍ଣ୍ଣ। ଚୁଡିର ବ୍ୟବହାର ପୂଜାପାଠରେ ବି କରାଯାଏ। ସୁନା, ରୁପା,ମେଟାଲ ଓ କାଚ ଭଳି ଅନେକ ଧାତୁରେ ଏହା ଉପଲବ୍ଧ ହୁଏ। ତେବେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ରଙ୍ଗବିରଙ୍ଗର ଏଇ ଚୁଡି ସହ ମହିଳାଙ୍କ ସମ୍ପର୍କ ହଜାର ହଜାର ବର୍ଷ ପୁରୁଣା। ଚୁଡିର ସେଇ ଇତିହାସ ସମ୍ପର୍କରେ ଜାଣନ୍ତୁ କିଛି..

ଖ୍ରୀଷ୍ଟପୂର୍ବ ୨୬୦୦ରୁ ମହିଳାମାନେ ଚୁଡି ପିନ୍ଧୁଥିବାର ପ୍ରମାଣ ମିଳେ। ଅର୍ଥାତ ପ୍ରାୟ ୫୦,୦୦୦ ବର୍ଷ ପୂର୍ବେ ମହିଳାମାନେ ନିଜର ଶୃଙ୍ଗାର ପାଇଁ ଚୁଡି ପିନ୍ଧୁଥିଲେ।



ମହେଞ୍ଜୋଦାରୋ ସଭ୍ୟତା ସମୟରେ ମହିଳାମାନେ ଚୁଡି ପିନ୍ଧୁଥିବାର ପ୍ରମାଣ ମିଳିଛି। ୧୯୭୩ରେ ବ୍ରିଟିଶ ଆର୍କାଏଲୋଜିଷ୍ଟ ଏଠାରେ ଖନନ କରିବାବେଳେ ଏକ ନବଯୁବତୀର ପ୍ରତିମୂର୍ତ୍ତି ଉଦ୍ଧାର କରିଥିଲେ। ଯେଉଁଥିରେ ଯୁବତୀ ଜଣଙ୍କ ହାତ ଚୁଡିରେ ସଜ୍ଜିତ ଥିବା ଦେଖିବାକୁ ମିଳିଥିଲା। ଏଇଥିରୁ ଜଣାପଡୁଛି ଯେ, ଚୁଡି ବହୁ ସମୟ ପୂର୍ବରୁ ମହିଳାମାନଙ୍କର ମନପସନ୍ଦର ଗହଣା ମଧ୍ୟରୁ ଗୋଟିଏ ଥିଲା। ପ୍ରାଚୀନ କାଳରେ ଚୁଡି ଟେରାକୋଟା, ଷ୍ଟୋନ, ଶାମୁକା ଓ କପର୍ ପରି ଧାତୁରେ ତିଆରି ହେଉଥିଲା। ଯାହାର ପ୍ରମାଣ ବିଭିନ୍ନ ପ୍ରାଚୀନ ସଭ୍ୟତାର ଖନନବେଳେ ଉଦ୍ଧାର ହୋଇଥିବା ସାମଗ୍ରୀରୁ ମିଳିଛି। ତେବେ ଏଇ ଚୁଡି ଏବେ ସାରା ଦୁନିଆର ମହିଳାମାନେ ପିନ୍ଧୁଛନ୍ତି। ସେପୁଣି ବିଭିନ୍ନ ଧାତୁ ଓ ଡିଜାଇନ୍‌ର ଚୁଡି ପିନ୍ଧାଯାଉଛି।

**ଚୁଡି ପାଇଁ ପ୍ରସିଦ୍ଧ ସହର:** ଭାରତ ସବୁବେଳେ ଚୁଡିର ମୁଖ୍ୟ ବଜାର ରହିଆସିଛି। ତେବେ ଏଠାକାର କିଛି ସହର ନିଜର ସ୍ୱତନ୍ତ୍ର ଚୁଡିର ଡିଜାଇନ ପାଇଁ ବେଶ୍ ପ୍ରସିଦ୍ଧ। ସେଥିମଧ୍ୟରେ ଗୋଟିଏ ହେଉଛି ଉତ୍ତରପ୍ରଦେଶର ଫିରୋଜାବାଦ ସହର। ଏଠି ବହୁତ ମାତ୍ରାରେ କାଚର ଚୁଡି ଉତ୍ପାଦନ ହୋଇଥାଏ। ହାଇଦ୍ରାବାଦର ଲାଡ ବଜାର ସାରା ପୃଥିବୀରେ ଏହାର ସୁନ୍ଦର ଚୁଡି ପାଇଁ ପ୍ରସିଦ୍ଧ। ଏହା ବ୍ୟତିତ ପାକିସ୍ତାନରେ ଥିବା ହାଇଦରାବାଦ ବି କାଚ ଚୁଡି ବ୍ୟବସାୟ ପାଇଁ ବେଶ୍ ପ୍ରସିଦ୍ଧ।

# ମୃତ୍ୟୁର ଉତ୍ସବ



ଜନ୍ମ, ମୃତ୍ୟୁ ଇଶ୍ୱରଙ୍କ ହାତରେ ଥାଏ। ଲୋକେ ଜନ୍ମକୁ ତ ସେଲିବ୍ରେଟ୍ କରନ୍ତି। ହେଲେ ମୃତ୍ୟୁ ବିଷୟରେ କଥା ହେବାକୁ ବି କେହି ଚାହାନ୍ତି ନାହିଁ। ପରିବାରର କେହି ଚାଲିଗଲେ ସମସ୍ତେ ଦୁଃଖରେ ଏତେ ଭାଙ୍ଗିପଡ଼ନ୍ତି ଯେ, ସେଥିରୁ ବାହାରିବା ଲାଗି ଅନେକ ସମୟ ଲାଗିଯାଏ। କିନ୍ତୁ ଜାପାନରେ ମୃତ୍ୟୁକୁ ନେଇ ଏକ ଉତ୍ସବ ବେଶ୍ ଯାକଜମକରେ ପାଳନ କରାଯାଏ। ଏହି ପର୍ବର ନାମ ହେଉଛି 'ସୁକଟୁ'। ଏହି ଉତ୍ସବରେ ଲୋକେ କେବଳ ଯେ ନିଜ ମୃତ୍ୟୁ ସମ୍ପର୍କରେ କଥା ହୁଅନ୍ତି ତାହା ନୁହେଁ, ବରଂ ତା' ପାଇଁ ବିଭିନ୍ନ ବ୍ୟବସ୍ଥା ବି କରନ୍ତି। ଉତ୍ସବକୁ ଆସୁଥିବା ଲୋକ ନିଜ ମୃତ୍ୟୁ ପରେ ଯେଉଁ ପୋଷାକ ପିନ୍ଧିବେ ତାକୁ ବାଛନ୍ତି ଓ ଫୁଲରେ ଭରା କଫିନର ଡିଜାଇନ ଓ ଆକାର ବାଛନ୍ତି। ତା' ଭିତରେ ଶୋଇ ଦେଖନ୍ତି। ତା'ସହ କଫିନ୍ କେଉଁଠି ପୋତାଯିବ ସେହି ସ୍ଥାନ ବାଛି କିଣନ୍ତି। ଉକ୍ତ ଉତ୍ସବ ଏକ ବ୍ୟବସାୟ ପରି, ଯାହା 'ଏଣ୍ଡିଙ୍ଗ ଇଣ୍ଡଷ୍ଟ୍ରି' ନାମରେ ପରିଚିତ। ଏହା ଜରିଆରେ ଲୋକେ ମୃତ୍ୟୁ ପରେ କ'ଣ ହେବ ସେସବୁ ଆଗୁଆ ଜାଣିଥାନ୍ତି। ଲୋକେ ସାଧାରଣତଃ ମୃତ୍ୟୁର ନାଁ ଶୁଣିରେ ଶିହରୀ ଯାଆନ୍ତି। ହେଲେ ଜାପାନର ଏହି ଉତ୍ସବରେ କିନ୍ତୁ ଲୋକେ ନିଜ ମୃତ୍ୟୁ ପାଇଁ ଆଗୁଆ ସଜବାଜ ହୁଅନ୍ତି, ଯାହା ସମସ୍ତଙ୍କୁ ବେଶ୍ ଚକିତ କରାଏ।





## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# ପ୍ରହ୍ଲାଦ ପରି ହେବାକୁ ହେବ

ଶ୍ରୀରାମଚରିତ ମାନସର ଉତ୍ତରାକାଣ୍ଡରେ ବକ୍ତା କାକଭୁଶୁଣ୍ଡି ଶ୍ରୋତା ଗରୁଡ଼ଙ୍କୁ ନିଜ ଜୀବନୀ କଥା ଶୁଣାଉଥିବା ବେଳେ କଳିଯୁଗର ଭୟାବହତା ବିଷୟରେ ସେ ବର୍ଣ୍ଣନା କରିବାକୁ ଭୁଲି ନ ଥିଲେ । କଳିଯୁଗରେ ଲୋକମାନେ କିଭଳି ବିଧର୍ମୀ ହେବେ, ଅତ୍ୟାଚାରୀ ହେବେ ଏବଂ ନାନା ପ୍ରକାର କୁକାର୍ଯ୍ୟରେ ଲିପ୍ତ ରହିବେ, ବଡ଼ ସାନ ମାନିବେ ନାହିଁ ଆଦି ବିଷୟ କାକଭୁଶୁଣ୍ଡି ମୁଖରୁ ଶୁଣି ସାରିବା ପରେ ଶ୍ରୋତା ଗରୁଡ଼ ଟିକେ ଭୟଭୀତ ହୋଇ ପଚାରିଲେ – ତେବେ ଏ ଖରାପ ଯୁଗଟିକୁ ପ୍ରଭୁ ସୃଷ୍ଟି କରୁଥିଲେ କାହିଁକି ?

କାକଭୁଶୁଣ୍ଡି ପୁନଶ୍ଚ କହିଲେ – କଳିଯୁଗଟି ସିନା ଖରାପ, କିନ୍ତୁ ଏହାର ଯେଉଁ ବିଶେଷତ୍ୱ ଅଛି ତାହା ଅନ୍ୟ କେଉଁ ଯୁଗ ନିକଟରେ ନାହିଁ । ଶ୍ରୀମଦ୍ଭାଗବତରେ କଳିଯୁଗର ମାହାତ୍ମ୍ୟ ବର୍ଣ୍ଣନା କରିବାକୁ ଯାଇ ଜଗନ୍ନାଥ ଦାସ କହିଲେ –

ସତ୍ୟ ଯୁଗରେ ତପ ଫଳ । ତ୍ରେତାରେ ଯଜ୍ଞାଦି ସକଳ ॥
ଦ୍ୱାପରେ ପରିଚର୍ଯ୍ୟା ମାନ । କଳିରେ ନାମ ସଂକୀର୍ତ୍ତନ ॥

ସତ୍ୟ ଯୁଗରେ ମୁକ୍ତିର ମାର୍ଗ ହେଉଛି ତପସ୍ୟା । ଯଜ୍ଞ କଲେ ତ୍ରେତାଯୁଗରେ ମୁକ୍ତି ମିଳୁଥିଲା । ଦ୍ୱାପରରେ ପରିଚର୍ଯ୍ୟା କଲେ ମୁକ୍ତି ହାତପାହାନ୍ତାରେ ମିଳୁଥିଲା । କଳିରେ କେବଳ ନାମ କଲେ ହିଁ ମଣିଷ ମୁକ୍ତି ପାଇଯିବ । ଏ ସିଦ୍ଧାନ୍ତ ଉପରେ ତୁଳସୀ ଦାସ ମଧ୍ୟ ମୋହର ମାରି କହିଛନ୍ତି ଯେ କଳିଯୁଗେ କେବଳ ନାମ ପିଆରା । ତୁଳସୀଙ୍କ ଏ ନିଦାନ ପତ୍ରଟି ନିଜସ୍ୱ ଅନୁଭୂତିସିଦ୍ଧ । କାରଣ ସେ କଳିଯୁଗର ମଣିଷ ଏବଂ କଳିଯୁଗର କଳୁଷିତ କାଳିମାର ଛିଟା ମଧ୍ୟ ତାଙ୍କ ଠେଇଁ ଲାଗିଛି ।

ହିରଣ୍ୟକଶିପୁ ଜଣେ ନାମ ନିନ୍ଦୁକ ଦୈତ୍ୟ ଥିଲା । ଈଶ୍ୱରଙ୍କ ଅସ୍ତିତ୍ୱକୁ ବିଶ୍ୱାସ କରୁ ନ ଥିଲା । ପ୍ରତି ବଦଳରେ ନିଜକୁ ଈଶ୍ୱର ମାନିବା ପାଇଁ ସମସ୍ତଙ୍କୁ ବାଧ୍ୟ କରୁଥିଲା । ତା'ର ଏ ଯୁକ୍ତିର ପ୍ରଚଣ୍ଡ କାରଣ ମଧ୍ୟ ଥିଲା । ତା' ଦରବାରକୁ ଦେବତା, ମୁନି ଋଷି, ଗନ୍ଧର୍ବ, କିନ୍ନର ଯେ କେହି ବି ଯାଉଥିଲେ ସମସ୍ତେ ହିରଣ୍ୟକଶିପୁର ସ୍ତୁତି ଗାନ କରୁଥିଲେ । ନିଜ ଅସୁର ଜାତି ଭାଇ କିମ୍ବା ଅସୁର ପ୍ରଜା ଏ କାମ କଲେ କିଛି ବାହାଦୁରି ନାହିଁ କିନ୍ତୁ ଯେତେବେଳେ ମୁନି ଋଷି ଏବଂ ଦେବତାମାନେ ତା' ଭରପୂର ରାଜସଭାରେ ଗୋଟିଏ ଅସୁରର ସ୍ତବ କରିବେ ତେବେ ତାହାର ଗରିମା ବଢ଼ିଯିବା ଥୟ । ସେଥିପାଇଁ



ସେ ନିଜକୁ ଈଶ୍ୱର ବୋଲି କହୁଥିଲା । କେବଳ ସେତିକି ନୁହେଁ, ଦିନେ ମହର୍ଷି ନାରଦ ମଧ୍ୟ ତା' ରାଜସଭାରେ ପହଞ୍ଚି ତା'ର ମହିମା ଗାନ କରିଥିଲେ । ଏ କଥାଟି ବାସ୍ତବିକ ଶୁଣିବା ବେଳକୁ ଟିକେ ଅଡୁଆ ଅଡୁଆ ଲାଗୁଛି । ଅନ୍ୟ କେହି ଦେବୀଦେବତା ଭୟରେ ଯଦି ହିରଣ୍ୟକଶିପୁର ଗୀତ ଗାଇଲେ ତାହା କିଛି ବଡ଼ କଥା ନୁହେଁ କିନ୍ତୁ ମହର୍ଷି ନାରଦ ଯଦି ସେମିତି କାମ କରନ୍ତି, ତେବେ ତାହା ନିଶ୍ଚିତ ଭାବେ ଲଜ୍ଜାକର ବିଷୟ ।

କିନ୍ତୁ ନା, ହିରଣ୍ୟକଶିପୁର ସ୍ତୁତି କରି ନାରଦ କିଛି ଭୁଲ୍ କରି ନାହାନ୍ତି । ଅନ୍ୟମାନେ ସିନା ଭୟରେ ସ୍ତୁତି କରୁଥିଲେ କିନ୍ତୁ ନାରଦ ଯେଉଁ ସ୍ତୁତି କରୁଥିଲେ ତାହା ଭୟ ଯୋଗୁ ନୁହେଁ । ତାହା ଥିଲା ଭକ୍ତି ସମ୍ଭୂତ । ତ୍ରିକାଳଦର୍ଶୀ ନାରଦ ଭଲ ଭାବରେ ଜାଣିଥିଲେ ଯେ ଏ ଯେଉଁ ଅସୁର ହିରଣ୍ୟକଶିପୁ ନା, ତା' ଭିତରୁ ଦିନେ ଉଦ୍ଭବ ହେବେ ଯୁଗାନ୍ତକାରୀ ଭକ୍ତ ପ୍ରହ୍ଲାଦ । ଯାହା ହେଲେ ବି ପ୍ରହ୍ଲାଦ ଜନ୍ମର ମାଧ୍ୟମ କିଏ ହେବେ ? ନିଜେ ହିରଣ୍ୟକଶିପୁ । ତେଣୁ ସେଇ ଭାବରେ ନାରଦ ତାଙ୍କୁ ପ୍ରଶଂସା ବା ସ୍ତୁତି କରୁଥିଲେ ।

ସନ୍ଥ ତୁଳସୀ ହିରଣ୍ୟକଶିପୁକୁ କଳିଯୁଗ ସହ ତୁଳନା କରିଛନ୍ତି । ପ୍ରହ୍ଲାଦକୁ କଳିଯୁଗର ପୁତ୍ର ବୋଲି ସମ୍ବୋଧିତ କରିଛନ୍ତି । ଏହାର ତତ୍ତ୍ୱ ବଡ଼ ଗଭୀର । ହିରଣ୍ୟକଶିପୁ ଯଦି କଳିଯୁଗ ହେବ ତେବେ ତାଙ୍କ ପୁତ୍ରକୁ କଳିଯୁଗର ପୁତ୍ର ଭାବେ ଚିହ୍ନିତ କରିବାର କି ଅଭିପ୍ରାୟ ଅଛି ?

ପାଠକେ ! ଏହା ସତ୍ୟ ଯେ କଳିଯୁଗରେ ଯେତେ ଯାହା ଅନ୍ୟାୟ ଅନୀତି ଘଟୁଛି, ତାହା ପ୍ରାୟ ହିରଣ୍ୟକଶିପୁର କାର୍ଯ୍ୟଧାରା ପରି । କିନ୍ତୁ ତାକୁ ଶେଷରେ ବୁଦ୍ଧି ଶିଖାଇଥିଲା କିଏ ? ନା ତା'ରି ଔରସରୁ ଜନ୍ମ ପ୍ରହ୍ଲାଦ । ଠିକ୍ ସେହିପରି କଳିଯୁଗର ପ୍ରଭାବକୁ କାଟିବା ପାଇଁ ହେଲେ ଆମକୁ ଜଣେ ଜଣେ ପ୍ରହ୍ଲାଦଙ୍କ ପରି ସାଧନା କରିବାକୁ ପଡିବ । ହିରଣ୍ୟକଶିପୁ ନିଜ ପୁତ୍ର ପ୍ରହ୍ଲାଦର ସାଧନାରେ କେତେ ବ୍ୟାଘାତ ନ ପହଞ୍ଚାଇଛି, କେତେ କଷ୍ଟ ତାକୁ ନ ଦେଇଛି । କିନ୍ତୁ ଏ ସବୁରେ ବି ପ୍ରହ୍ଲାଦ ନିଷ୍ଠାପର ଭାବେ ତା' ସାଧନାରେ ବ୍ରତୀ ରହିଛି ଶେଷ ଯବନିକା ପଡ଼ିବା ପର୍ଯ୍ୟନ୍ତ । କେବେ ହତୋତ୍ସାହିତ ହୋଇନି କି ନିଜ ସାଧନାକୁ ଅଧାରେ ଛାଡି ଅନ୍ୟ କେଉଁ ମାର୍ଗରେ ପଳାଇ ଯାଇନି । ପିଲାଟିଏ କିନ୍ତୁ ମାନିବାକୁ ପଡିବ ସାଧନା ପ୍ରତି ଥିବା ତା' ସମର୍ପିତ ବିଶ୍ୱାସକୁ ।

ସେ ଯୁଗରେ ହିରଣ୍ୟକଶିପୁ ଏବଂ ପ୍ରହ୍ଲାଦ – ଦୁଇଜଣ ଅଲଗା ଥିଲେ । ଦୁଇଟି ଶରୀର ଥିଲା କିନ୍ତୁ ଏବେ ଅର୍ଥାତ୍ ଏ କଳିଯୁଗରେ ଆମେ ହିଁ ହିରଣ୍ୟକଶିପୁ ଏବଂ ଆମେ ହିଁ ପ୍ରହ୍ଲାଦ । ଆମେ ହିରଣ୍ୟକଶିପୁ ପରି ଅନ୍ୟାୟ ଅତ୍ୟାଚାର କରୁଛୁ ପୁଣି ଯେତେବେଳେ ଚେତନା ଆସୁଛି ସେତେବେଳେ ସାଧନାରେ ଲାଗିପଡୁଛୁ । ବର୍ଷେ ଦି ବର୍ଷ ସାଧନା ପରେ ଯଦି କିଛି ଅନୁଭବ ନ ହେଉଛି କିମ୍ବା ଆମ ସାଧନାରେ କିଏ ବାରମ୍ବାର ବିଘ୍ନ ସୃଷ୍ଟି କରୁଛି ତେବେ ଆମେ ଭାଙ୍ଗି ପଡୁଛେ । ଜପ ବା ପ୍ରାର୍ଥନା ଆଦି ସାଧନା କରୁଥିବା ସମସ୍ତ ସାଧକ କ'ଣ ସିଦ୍ଧି ପାଇ ପାରନ୍ତି ? ଯିଏ ପ୍ରହ୍ଲାଦ ପରି ଲାଗିକରି ରୁହେ ଶେଷରେ ସେ ପାଷାଣ ଅର୍ଥାତ୍ ସ୍ତମ୍ଭ ଆଦି ଦେହରେ ବି ଈଶ୍ୱରଙ୍କ ଅସ୍ତିତ୍ୱକୁ ଅନୁଭବ କରିପାରେ । ଶହେ ଜନ୍ମ ବିତିଗଲେ ବି ଆମେ କେବେ ହିରଣ୍ୟକଶିପୁ ପରି ହୋଇ ପାରିବା ନାହିଁ । ସ୍ତମ୍ଭ ଉପରେ ସେ ଗଦା ପ୍ରହାର କଲା । ବାହାରିଲେ ନୃସିଂହ ଭଗବାନ୍ । ଆମେ ସେମିତି ଏକ ସ୍ତମ୍ଭ ଉପରେ ପ୍ରହାର କଲେ କେବଳ କଂକ୍ରିଟ, ରଡ ଏବଂ ଗୋଡ଼ି ହିଁ ବାହାରିବ । ଆମେ କିନ୍ତୁ ପ୍ରହ୍ଲାଦ ହୋଇ ନାମ ଜପି ପାରିବା । ଭଗବତ ଦର୍ଶନ ସହିତ କଳିଯୁଗର ପ୍ରଭାବରୁ ମୁକ୍ତି ପାଇପାରିବା ।


*–ଦିବ୍ୟାଲୋକ ସନ୍ଧାନେ, ରାମନଗର, ତେଲେଙ୍ଗାପେଣ୍ଠ, କଟକ*
*ମୋ:୯୭୭୭୭୯୭୮୪୧*

## ପୁସ୍ତକ ସମୀକ୍ଷା

### ଭିନ୍ନ ଏକ ଦଧୀଚି

**ଶୁଭେନ୍ଦୁ କୁମାର ମହାପାତ୍ର**
**ପ୍ରକାଶକ–ବନଫୁଲ, ଭୁବନେଶ୍ୱର**
**ମୂଲ୍ୟ–୧୩୫ଟଙ୍କା**

ଭିନ୍ନ ଏକ ଦଧୀଚି ଶୁଭେନ୍ଦୁ କୁମାର ମହାପାତ୍ରଙ୍କ ଗଳ୍ପ ସଂକଳନ । ଏଥିରେ ସ୍ଥାନୀତ ଗପଗୁଡିକ ତାତ୍ତ୍ୱିକ ଓ ମର୍ମସ୍ପର୍ଶୀ । ବର୍ତ୍ତମାନ ସମାଜରେ ଘଟୁଥିବା ଘଟଣାଗୁଡିକୁ ଲେଖନୀ ମୂନରେ ଜୀବନ୍ତ ସ୍ପର୍ଶ ଦେଇ ନିଜର ଭାବାବେଗକୁ ପାଠକ ପାଠିକାଙ୍କ ନିକଟରେ ଉପସ୍ଥାପନ କରିବାର କଳା ଚାତୁର୍ଯ୍ୟର ପରାକାଷ୍ଠା ଦେଖାଇଛନ୍ତି ଲେଖକ । ସମାଜକୁ କୁସଂସ୍କାର, ଅନ୍ଧବିଶ୍ୱାସ ଓ ଅପସଂସ୍କୃତି ଗ୍ରାସ କରିଥିବା ବେଳେ ଏଥିରେ ପ୍ରକାଶିତ ଗପଗୁଡିକ ସାମାଜିକ ସଂସ୍କାର, ଚଳଣି ଓ ଅବିଶ୍ୱାସକୁ ଦୂର କରିବାର ଏକ ବଳିଷ୍ଠ ମାଧ୍ୟମ । ଲେଖକଙ୍କ ସାରସ୍ୱତ ସାଧନାର ପରିପକ୍ୱତା ସମଗ୍ର ପାଠକ ପାଠିକାଙ୍କ ମନରେ ନୂତନ ଆଶା ସଂଞ୍ଚାର ସୃଷ୍ଟି କରିବ ବୋଲି ବିଶ୍ୱାସ ।




### ସ୍ମୃତି ସିଲଟ

**ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀ**
**ପ୍ରକାଶକ–ଶିବାଶିଷ କର**
**ଓଡିଶା ବୁକ୍ ଏମ୍ପୋରିୟମ୍ , କଟକ–୨, ମୂଲ୍ୟ–୧୫୦ଟଙ୍କା**


ସ୍ମୃତି ସିଲଟ ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀଙ୍କ କବିତା ପୁସ୍ତକ । ଏଥିରେ ୭୬ଟି କବିତା ରହିଛି । ପ୍ରଥମ କବିତା ସ୍ମୃତି ସିଲଟ ନାଁରେ ପୁସ୍ତକର ନାମକରଣ କରାଯାଇଛି । ସେଥିରେ ସେ ଗାଁ ଆଉ ମା' ମାଟିକୁ ଯେଉଁ ଭଲ ପାଇବା ଅଜାଡି ଦେଇଛନ୍ତି ତାହା ମନଛୁଆଁ । ସେ ଶେଷ ପଦରେ ଲେଖିଛନ୍ତି, ସ୍ମୃତି ସିଲଟରେ ମୋ ଗାଁ ଚିତ୍ର/ଆଙ୍କିବାରେ କେତେ ମଜା/ମଶାଣି ଜୁଇର ହୁତ୍ ହୁତ୍ ନିଆଁ/ବଜାଉଛି ମୃତ୍ୟୁ ବାଜା । ଏହା ସ୍ମୃତି ରୋମନ୍ଥନ କରୁଥିବା ବେଳେ ମୃତ୍ୟୁ ଚେନତାର କଥା ମଧ୍ୟ କହୁଛି । ସୁଖ, ସୌଭାଗ୍ୟ ସଭିଙ୍କ ଭାଗ୍ୟରେ ଜୁଟେନା । ପ୍ରେମରେ ଆତ୍ମହରା ହୋଇଯିବାର ସ୍ୱପ୍ନ ସମସ୍ତଙ୍କୁ ମିଳେନା । କିନ୍ତୁ କବି ତାଙ୍କ କବିତାରେ ଯେଉଁ ଚିତ୍ର ଫୁଟାଇଛନ୍ତି ତାହା ଅତ୍ୟନ୍ତ ମର୍ମସ୍ପର୍ଶୀ ଓ ହୃଦୟଗ୍ରାହୀ ।




### ମୁଁ ବି ସେଇ ନାରୀ

**ବିଷ୍ଣୁପ୍ରିୟା ଜେନା**
**ପ୍ରକାଶକ–ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ**
**ବିକାଶ ନଗର, ବାଦାମବାଡି, କଟକ–୧୨**
**ମୂଲ୍ୟ–୧୦୦ଟଙ୍କା**

ମୁଁ ବି ସେଇ ନାରୀ ବିଷ୍ଣୁପ୍ରିୟା ଜେନାଙ୍କ କବିତା ପୁସ୍ତକ । ନାରୀ ଜୀବନର ସଂଘର୍ଷ, ଘାତ ଓ ପ୍ରତିଘାତ ସବୁକୁ କବିତା ମାଧ୍ୟମରେ ପ୍ରକାଶ କରିଛନ୍ତି କବୟିତ୍ରୀ ଜେନା । ରକ୍ତକୁ କାଳୀରେ ପରିଣତ କରିବାର ଯନ୍ତ୍ରଣା ସହି ସେ କବିତାରେ ସୃଷ୍ଟି କରିଛନ୍ତି କଳ୍ପନା ଓ ପ୍ରଯୁକ୍ତିର ତ୍ରିବେଣୀ ତୀର୍ଥ । ଶବ୍ଦର ଆକାଶ ତାଙ୍କ କବିତାର ପ୍ରାଣଭୂମି । ଶବ୍ଦଗୁଡିକ ଯୋଡି ହୋଇ ପ୍ରେମ ପ୍ରତ୍ୟୟ, ପ୍ରଣୟ, ପ୍ରତାରଣା, ସ୍ମୃତି, ବିସ୍ମୃତି, ମିଳନ, ବିରହ, ଜୀବନ, ଯନ୍ତ୍ରଣା, ସାମ୍ପ୍ରତିକ ସମାଜରେ ଯେଉଁ ନାଦ ଫୁଟାଇଛନ୍ତି ତାହା ପ୍ରତ୍ୟେକ ପାଠକପାଠିକାଙ୍କୁ ମୁଗ୍ଧ କରିପାରେ । ଏଥିରେ ଭରି ରହିଛି ପ୍ରାଣର ପ୍ରଣତି ଆଉ ଅଶାର ଅସୀମ କାମନା ।



ବ୍ୟାକ୍ ପେଜ୍



# ସବୁଠୁ ଦାମୀ

ଆମେ ଭାବୁ ହୀରା, ପ୍ଲାଟିନମ୍ ପରି ଧାତୁ ହେଉଛି ସବୁଠାରୁ ଦାମୀ। ହେଲେ ୟାଠୁ ବି ଦାମୀ ଏକ ଜିନିଷ ଅଛି, ଯାହାର ମାତ୍ର ୧ଗ୍ରାମର ମୂଲ୍ୟ ଅନେକ ଛୋଟ ଦେଶର ଅର୍ଥବ୍ୟବସ୍ଥାଠାରୁ ବି ଅଧିକ। ହୁଏତ ଅନେକ ଏହା ସମ୍ପର୍କରେ ଜାଣି ନ ଥିବେ। ଏହି ଧାତୁଟି ହେଉଛି ଏଣ୍ଟିମିଟର ବା ପ୍ରତିପଦାର୍ଥ। ଏହା ହେଉଛି ପୃଥିବୀର ସବୁଠାରୁ ମହଙ୍ଗା ପଦାର୍ଥ। ନାସା ଅନୁସାରେ ଏହାର ୧ ଗ୍ରାମର ମୂଲ୍ୟ ୬୨.୫ ଟ୍ରିଲିୟନ ଡଲାର। ଏହା ଅନ୍ୟ ଧାତୁ ପରି ଖଣିରେ ମିଳି ନ ଥାଏ। ଏହାକୁ ଲ୍ୟାବରେ ପ୍ରସ୍ତୁତ କରାଯାଇଥାଏ। ବ୍ରିଟିଶ ଭୌତିକଶାସ୍ତ୍ରୀ ପଲ୍ ଡାଇରାକ ପ୍ରଥମେ ଏହା ସମ୍ପର୍କରେ ପ୍ରଥମେ ଏହା ସମ୍ପର୍କରେ କହିଥିଲେ। ତେଣୁ ତାଙ୍କୁ ନ୍ୟୁଟନଙ୍କ ପରେ ଜଣେ ବଡ ବୈଜ୍ଞାନିକ ଭାବେ ଗଣନା କରାଯାଏ। ଏଥିରେ ଅସୀମ ଉର୍ଜା ଥାଏ। ଏହାକୁ ସର୍ନର ପ୍ରୟୋଗଶାଳାରେ ପ୍ରଥମେ ତିଆରି କରାଯାଇଥିଲା। ଯାହା ୧୦ ନାନୋଗ୍ରାମଠାରୁ ବି କମ୍ ଥିଲା। ଏହାକୁ ତିଆରି କରିବାରେ ବହୁତ ଟଙ୍କା ଖର୍ଚ୍ଚ ହୋଇଥାଏ। ବୈଜ୍ଞାନିକ ଏବେବି ଏହାର ମ୍ୟାଟେରିୟାଲ ଉପରେ ଗବେଷଣା କରୁଛନ୍ତି। କାରଣ ଏହାର ବ୍ୟବହାର ଅନେକ କ୍ଷେତ୍ରରେ ଖାସ୍‌କରି କ୍ୟାନ୍ସର ଚିକିତ୍ସାରେ ହୋଇପାରିବ। ତାଛଡା ସାଧାରଣ ଇନ୍ଧନ ଅପେକ୍ଷା ଏହାର ଡେନ୍‌ସିଟି ଅପେକ୍ଷାକୃତ ବହୁତ ଅଧିକ ହୋଇଥିବାରୁ ଏହାକୁ ରକେଟ ଇନ୍ଧନ ପାଇଁ ବି ବ୍ୟବହାର କରିହେବ। କିନ୍ତୁ ଏହାକୁ ତିଆରି କରିବା ଆଦୌ ସହଜ ନୁହେଁ।

# ଦେହସାରା ପଜଲ୍

ଟାଟୁର କ୍ରେଜ ଆଜିକାଲି ବହୁତ ବଢିଯାଇଛି। ପୂର୍ବେ ଟାଟୁ କଲାବେଳେ ଲୋକେ ଅନେକଥର ଭାବୁଥିଲେ କ'ଣ କରାଇବେ। ହେଲେ ଏବେ ତ ଏହାକୁ ନେଇ ଏମିତି ପାଗଳାମୀ ଦେଖାଦେଉଛି ଯେ ଲୋକେ ଅଜବରୁ ଅଜବ ଟାଟୁ କରାଇବାକୁ ବି ପଛାଉ ନାହାନ୍ତି। କିଛି ଲୋକ ତ ଦେହସାରା ଅଜବ ଟାଟୁରେ ଭର୍ତ୍ତି କରି ଦେଉଛନ୍ତି। ସେମିତି ଜଣେ ବ୍ୟକ୍ତି ହେଉଛନ୍ତି ଆମେରିକାର ପଲ୍ ଲରେନ୍ସ, ଯେକି ଦ ଏନିଗ୍ମା ନାମରେ ବେଶ୍ ପରିଚିତ। ସେ ପେସାରେ ଜଣେ ଚିତ୍ରକର, ଅଭିନେତା ଓ ସାଇଡ ଶୋ' ପରଫର୍ମର୍। ପଲ୍‌ଙ୍କର ଟାଟୁ ନିଶା ଏତେ ଯେ, ନିଜ ଦେହ ସାରା ସେ ଟାଟୁ କରାଇଛନ୍ତି। ସେ ପୁଣି ଜିଗ୍‌ସ' ପଜଲ୍‌ର ଟାଟୁ। ତାଙ୍କ ଶରୀରକୁ ଦେଖିଲେ ଲାଗେ ସେ ଅନେକଗୁଡିଏ ପଜଲ ଖଣ୍ଡର ସମାହାରରେ ତିଆରି ହୋଇଛନ୍ତି। ଏହି ଟାଟୁ ଲାଗି ସେ ଗିନିଜ ୱାର୍ଲଡ ରେକର୍ଡରେ ବି ସ୍ଥାନ ପାଇଛନ୍ତି। ତାଙ୍କ ଶରୀରରେ ୨୧୨୩ଟି ଟାଟୁ ଥିବା ଗଣନାରୁ ଜଣାପଡିଥିଲା। ଆଉ ଏହାକୁ ଗଣିବା ଲାଗି ଗିନିଜ ୱାର୍ଲଡ ରେକର୍ଡର କର୍ମଚାରୀଙ୍କୁ ୩ ଘଣ୍ଟା ସମୟ ଲାଗିଥିଲା।







# ବିନା ସ୍ୱାଦର କ୍ୟାଣ୍ଡି






ଦୈନନ୍ଦିନ ଜୀବନରେ ଆମେ ଯାହା ବି ଖାଉ ତା'ର ଭିନ୍ନ ଭିନ୍ନ ପ୍ରକାରର ସ୍ୱାଦ ଥାଏ। ହେଲେ ଏମିତି କେହି କିଛି ଖାଇଛନ୍ତି କି, ଯାହାର ସ୍ୱାଦ ହିଁ ନ ଥିବ। ନିକଟରେ ଜାପାନର 'ଲାସନ' ନାମକ ଏକ କମ୍ପାନୀ ତିଆରି କରିଛି ଏକ କ୍ୟାଣ୍ଡି, ଯାହା ସମ୍ପୂର୍ଣ୍ଣଭାବେ ସ୍ୱାଦହୀନ। ଆଉ ତା'ର ନାଁ ହେଉଛି 'ଅଜି ନୋ ଶିନାଇ'। ଏହି କ୍ୟାଣ୍ଡିର ନାହିଁ କିଛି ସ୍ୱାଦ। ଅର୍ଥାତ୍ ଏହାକୁ ଖାଇବାବେଳେ ପାଟିକୁ ନା ମିଠା ଲାଗିବ ନା ଲାଗିବ ଖଟା, ନା ପୁଣି ଲାଗିବ ରାଗ ଅବା ଲୁଣି। ଏହାକୁ ତିଆରି କରିବା ପାଇଁ କେବଳ ଦୁଇଟି ସାମଗ୍ରୀର ବ୍ୟବହାର ହୋଇଛି। ପ୍ରଥମଟି ହେଉଛି ସିନ୍ଥେଟିକ ସୁଗର୍‌ର ବିକଳ୍ପ ଯାହାକୁ ପଲିଡେକ୍ସଟ୍ରୋଜ୍ କହନ୍ତି ଓ ଅନ୍ୟଟି ହେଉଛି ଅର୍ଗାନିକ ସୁଗରର ସବ୍‌ଷ୍ଟିଚ୍ୟୁଟ୍ ଏରିଥ୍ରିଟୋଲ। କମ୍ପାନୀର କହିବାନୁସାରେ କିଛି ଲୋକ କ୍ୟାଣ୍ଡି ଏଇଥିପାଇଁ ଖାଆନ୍ତି ଯେମିତିକି ତାଙ୍କ ପାଟି ସୁଖିବନି। ହେଲେ ସେମାନେ ମିଠା କ୍ୟାଣ୍ଡି ଖାଇବାକୁ ଚାହାନ୍ତିନି। ସେହିଭଳି ଆଉ କିଛିଙ୍କୁ ଆର୍ଟିଫିସିୟଲ ଫ୍ଲେଭର୍ ଭଲ ଲାଗେନା। ସେଥିପାଇଁ ଏହି ଫ୍ଲେଭରଲେସ୍ କ୍ୟାଣ୍ଡି ତିଆରି କରିଛୁ। ତେବେ ନ୍ୟୁଜ୨୪ର ଟେଷ୍ଟର୍ସଙ୍କ ମତରେ ଏହି କ୍ୟାଣ୍ଡିର ସ୍ୱାଦ ଏକ ସ୍ପୋର୍ଟସ୍ ଡ୍ରିଙ୍କ ପରି ଯେଉଁଥିରେ ପ୍ରଚୁର ମାତ୍ରାରେ ପାଣି ମିଶାଇ ଦିଆଯାଇଥିବାରୁ ତା'ର ମିଠାପଣ କମିଯାଇଛି ପରି ଅନୁଭବ ହୁଏ।